



### ଦ୍ୱୈତ ନଗରୀରେ ଟ୍ରାଫିକ୍ ଧରପଗଡ଼

# ୫ ଦିନରେ ୭୩ ମଦୁଆ ଚାଳକ ଗିରଫ

**ଭୁବନେଶ୍ୱର, ୬ ।୨(ସମିସ):**

ମଦ୍ୟପ ଚାଳକଙ୍କ ବିରୋଧରେ କମିସନରେଟ ପୁଲିସର ଶୂନସହନଶୀଳତା ନୀତି। ମଦ୍ୟପ ଚାଳକମାନେ ନିଶାସକ୍ତ ଅବସ୍ଥାରେ ନିଜେ ବିପଦରେ ପଡ଼ିବା ସହ ଅନ୍ୟ ଚାଳକ ଓ ପଥଚାରୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଅତ୍ୟଧିକ ମଦପିଇ କରି ଗାଡ଼ି ଚଳାଇବାରୁ ଦ୍ୱୈତନଗରୀରେ ସଡ଼କ ଦୁର୍ଘଟଣା ବଢ଼ୁଛି। ଦୁର୍ଘଟଣା ହ୍ରାସ ଲକ୍ଷ୍ୟ ନେଇ ମଦ୍ୟପ ଚାଳକଙ୍କ ପ୍ରତି କଠୋର ହୋଇଛି କମିସନରେଟ୍ ପୁଲିସ। ଦ୍ୱୈତନଗରୀରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବା ସହ ମଦ୍ୟପ ଚାଳକଙ୍କ ସାବାଡ଼ ଲାଗି ଆରମ୍ଭ ହୋଇଛି ପ୍ରକ୍ରିୟା।

- ଭୁବନେଶ୍ୱରରରେ ୪୪; କଟକରେ ୨୯
- ଗାଡ଼ି ଜବତ; ରଦ୍ଦ ହେବ ଲାଇସେନ୍ସ
- ତୁରନ୍ତ ଚାର୍ଜସିଟ୍ ଦାଖଲ ଉପରେ ପୁଲିସର ଗୁରୁତ୍ୱ

ମଦପିଇ ଗାଡ଼ି ଚଳାଉଥିବା ଚାଳକ ଧରାପଡ଼ିଲେ, ସିଧା ଜେଲ୍ ଯାଉଛନ୍ତି। ଆଉ ଜରିମାନା ଦେଇ ଖସିପାରୁନାହାନ୍ତି ମଦ୍ୟପ ଚାଳକ। ଦ୍ୱୈତନଗରୀରେ ମଦ୍ୟପ ଚାଳକ ବିରୋଧରେ ଏହି କଡ଼ା ନିୟମ ପାଳନ କରୁଛି କମିସନରେଟ୍ ପୁଲିସ। ଗତ ୫ଦିନରେ ଦ୍ୱୈତନଗରୀରେ ୭୩ଜଣ ମଦ୍ୟପ ଚାଳକଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱରରୁ ୪୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ କଟକରୁ ୨୯ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଅତ୍ୟଧିକ ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ମାମଲା ରୁଜୁହେବା ସହ ସେମାନଙ୍କ ଗାଡ଼ି ବି ଜବତ କରାଯାଇଛି। ସେହିପରି ମଦ୍ୟପ ଚାଳକଙ୍କ ଗାଡ଼ି ଲାଇସେନ୍ସ ରଦ୍ଦ କରିବା ଲାଗି ପରିବହନ ବିଭାଗକୁ ଚିଠି ଲେଖାଯାଉଛି। ଏହି ମାମଲାଗୁଡ଼ିକରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କୋର୍ଟରେ ଚାର୍ଜସିଟ୍‌ରେ ଦାଖଲ କରାଯିବ ବୋଲି ପୁଲିସ କମିସନର୍ କହିଛନ୍ତି। କୋର୍ଟରେ ବିଚାର ପ୍ରକ୍ରିୟା ଶୀଘ୍ର କରିବା କ୍ଷେତ୍ରରେ ନଜର ରଖାଯିବ ବୋଲି ପୁଲିସ କମିସନର ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

## ମଦୁଆ ଚାଳକଙ୍କୁ ଗାଡ଼ି ମନା; ୪ ଗିରଫ



**ଭୁବନେଶ୍ୱର, ୬ ।୨(ସମିସ):** ରାଜଧାନୀରେ ମଦୁଆ ଚାଳକଙ୍କ ଗାଡ଼ି ମନା। ରାଜଧାନୀରେ ମଦପିଇ ବେପରୁଆ ଭାବେ ଗାଡ଼ି ଚଳାଉଥିବା ୪ ଚାଳକଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ବାଲିପାଟଣା ଥାନା ବନମାଳିପୁରର ମଦନ ସାହୁ, ଏୟାରଫିଲ୍ଡ ଥାନା ଭୀମଟାଙ୍ଗିର ଅମିତ୍ ମହାନ୍ତି, ପଶ୍ଚିମବଙ୍ଗର ତାପସ ପରମାଣିକ ଓ କଟକ ମାଲଗୋଦାମର ଶିଭମ୍ ଗୁପ୍ତା। ସେମାନଙ୍କ ଠାରୁ ୪ଟି କାର୍ ଜବତ ହୋଇଛି। ଧରାପଡ଼ିଥିବା ସମସ୍ତ ମଦ୍ୟପ ଚାଳକ ନିଜେ ଗାଡ଼ିର ମାଲିକ। ସହରର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ମଦ୍ୟପ ଚାଳକଙ୍କୁ ଧରୁଛି କମିସନରେଟ୍ ପୁଲିସ। ଏଥିଲାଗି ଚଳିତମାସ ପହିଲାରୁ ଏକ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରି ରହିଛି। ସୋମବାର ରାତିରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଝାରପଡ଼ା ଗୋଲେଇ ଛକରେ ଠାରେ ମଦ୍ୟପ ଚାଳକଙ୍କୁ ଧରିବା ଲାଗି ଯାଞ୍ଚ କରାଯାଉଥିଲା। ସେଇ ସମୟରେ ଅଭିଯୁକ୍ତମାନେ ଦ୍ରୁତଗତିରେ ବେପରୁଆ ଭାବରେ ଗାଡ଼ି ଚଳାଉଥିଲେ। ସେମାନଙ୍କୁ ବ୍ରେଥ୍ ଆନାଲାଇଜର୍ ଯନ୍ତ୍ରରେ ଯାଞ୍ଚ କରିବାରୁ ଅତ୍ୟଧିକ ମାତ୍ରାରେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଏତେ ମଦ ପିଇଥିଲେ ଯେ, ସକାଳ ଯାଏଁ ସେମାନଙ୍କ ନିଶାଛାଡ଼ି ନ ଥିଲା। ଆଇନ୍ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦେଇଛି ଲକ୍ଷ୍ମୀସାଗର ଥାନା ପୁଲିସ।

# ମଦ ପୋଚ ନିଶାରେ ସହରମୁହାଁ ହାତୀ

**ଭୁବନେଶ୍ୱର, ୬ ।୨(ସମିସ):** ଜଙ୍ଗଲୀ ହାତୀକୁ ଦେଶୀ ମଦର ପୋଚ ପାଗଳ କରିଛି। ପୋଚ ଖାଇବାକୁ ହାତୀ ଏବେ ସହରୀ ମୁହାଁ ହେଉଛନ୍ତି। ରାତି ହେଲେ ବାଡ଼ ଭାଙ୍ଗି ସହର ଭିତରକୁ ହାତୀ ପଶି ଆସୁଛନ୍ତି। ଗତ ତିନିଦିନ ଧରି ଲଗାତାର ସହର ଭିତରକୁ ହାତୀ ଆସିବା ପରେ ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ବନ ବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଦେଶୀ ମଦର ପୋଚ ଖାଇବାକୁ ହାତୀ ସହର ଭିତରକୁ ପଶି ଆସୁଛନ୍ତି। ବିଶେଷକରି ନିଶା ମାୟାରେ ରାମୁ ହାତୀ ବାୟା ହୋଇଛି। ଦନ୍ତା ହାତୀ ରାମୁ ପାଇଁ ଚିନ୍ତାରେ ପଡ଼ିଛି ବନ ବିଭାଗ। ଜଙ୍ଗଲୀ ହାତୀ ରାମୁ ଏବେ ଜଙ୍ଗଲ ଛାଡ଼ି ସହର ମୁହାଁ ହେଉଛି। ଟିକିଏ ଅନ୍ଧାର ହେଲେ ବାଡ଼ ଭାଙ୍ଗି ସହର ଭିତରକୁ ରାମୁ ପଶି ଆସୁଛି। କେବଳ ରାମୁ ନୁହେଁ ଗୋଟିଏ ମାଈ ହାତୀ ଓ ଏକ ଛୁଆ ହାତୀ ବି ଖାଦ୍ୟ ପାଇଁ ବସ୍ତି ଭିତରକୁ ପଶିବାକୁ କି ପଛାଉ ନାହାନ୍ତି। ମୈତ୍ରୀବିହାର, ହାତିଆଶୁଣି ବସ୍ତି ଓ

### ପୋଚ ଖାଇବାକୁ ରାମୁ ପାଗଳ



୨୦୦ ଫୁଟିଆ ନୂଆ ରାସ୍ତାରେ ରାତି ହେଲେ ହାତୀ ବୁଲୁଥିବା ଦେଖିବାକୁ ମିଳୁଛି। ହାତୀ ବାରମ୍ବାର ଆସୁଥିବାରୁ ଏବେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେପଟେ ହାତୀ ବାରମ୍ବାର ସହର ମୁହାଁ ହେଉଥିବାରୁ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ଚନ୍ଦକା ଡିଏଫ୍‌ଓ ଶରତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ହାତୀ ଚଲାବାଟକୁ ଯାଇ ସମୀକ୍ଷା କରିଛନ୍ତି। ଏନେଇ ଚନ୍ଦକା ଡିଏଫଓ ଶ୍ରୀ ବେହେରା କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାରୁ ପୋଚ ବାଡ଼ ବାହାରକୁ ଫିଙ୍ଗୁଛନ୍ତି। ସେହି ପୋଚ ଖାଇବା ପାଇଁ ହାତୀମାନେ ବସ୍ତିକୁ ଆସୁଛନ୍ତି। ତେଣୁ ଲୋକେ ସଚେତନ ନ ହେଲେ କୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହୁଛି। ତେଣୁ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକେ ଏଦିଗରେ ଗୁରୁତ୍ୱ ଦେବା ସହ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସହର ମୁହାଁ ହାତୀ ହେବା ନୂଆଁ କଥା ନୁହେଁ। ପୂର୍ବରୁ ମଧ୍ୟ ହାତୀ ବହୁବାର ସହର ଭିତରକୁ ଆସିଥିବା ଦେଖିବାକୁ ମିଳିଛି। ଜଙ୍ଗଲ ସଙ୍କୁଚିତ ହେବା ଫଳରେ ଖାଦ୍ୟ ଅନ୍ୱେଷଣରେ ହାତୀ ସହର ଭିତରକୁ ଅନାୟାସରେ ପ୍ରବେଶ କରୁଛନ୍ତି। ହାତୀକୁ ନଜର ରଖିବାକୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ବାଡ଼ଗୁଡିକ ଦୁର୍ବଳ ହୋଇଯାଇଥିବାରୁ ହାତୀ ପଶିବାର ଆଶଙ୍କା ରହିଛି। ହାତୀ ପଶି ଆସିଲେ ଅନେକ ଧନଜୀବନ ନଷ୍ଟ ହୋଇପାରେ। ତେଣୁ ଏହି ବାଡ଼କୁ ମରାମତି କରିବା ଉପରେ ସ୍ଥାନୀୟ ବାସିନ୍ଦା ଗୁରୁତ୍ୱ ଦେଇଛନ୍ତି।



ରାଜଭବନରେ ମଙ୍ଗଳବାର ରାଜ୍ୟପାଳ ରଘୁବର ଦାଶଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ପୁଲିସ୍ କମିଶନର ସଞ୍ଜୀବ ପଣ୍ଡା

## ନକଲି ଏନ୍‌ଓସିରେ ଠକେଇ; ଜୁବୁଲା ଗିରଫ

**ଭୁବନେଶ୍ୱର, ୬ ।୨(ସମିସ):** ନକଲି ଏନ୍‌ଓସି ଦେଖାଇ ସାଢ଼େ ୬ଲକ୍ଷ ଟଙ୍କା ଠକି ନେବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କଟକ ବ୍ରାହ୍ମଣଝରିଲର ଏସ୍.କେ ଜୁବୁଲା। ତା' ନିକଟରୁ ଏକାଧିକ ନକଲି କାଗଜପତ୍ରକୁ ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ ଜୁବୁଲାର ଚନ୍ଦ୍ରଶେଖରପୁରରେ ଆଜମେର ମୋଟର୍ସ ନାମକ ଗୋଟିଏ ପୁରୁଣା କାର୍ ଶୋରୁମ ଅଛି। ଅଭିଯୋଗକାରୀ ୨୦୨୨ ଏପ୍ରିଲ ୧୬ ତାରିଖରେ ଜୁବୁଲାଙ୍କୁ ୬ଲକ୍ଷ ୫୦ହଜାର ଟଙ୍କା ଦେଇ ଗୋଟିଏ ପୁରୁଣା ବୋଲେରୋ କିଣିଥିଲେ। ଜୁବୁଲା ଦୁଇମାସ ମଧ୍ୟରେ ମାଲିକାନା ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କ ସହିତ ଚୁକ୍ତିକରିବା ପରେ ଗାଡ଼ିର କାଗଜପତ୍ର ଓ ଏନ୍‌ଓସି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ଜୁବୁଲା କିଛି ଶୁଣି ନ ଥିଲେ କିମ୍ବା ଗାଡ଼ିର ମାଲିକାନା ହସ୍ତାନ୍ତର କରି ନ ଥିଲେ। ଏନେଇ ଅଭିଯୋଗକାରୀ ବ୍ୟାଙ୍କ୍‌କୁ ଯାଇ ଯାଞ୍ଚ କରିବା ପରେ, ଜୁବୁଲା ଉକ୍ତ ଗାଡ଼ିର କିସ୍ତି ଶୁଝି ନ ଥିବାରୁ ତାଙ୍କୁ କୌଣସି ଏନ୍‌ଓସି ମିଳି ନ ଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କର ସରଳତାର ସୁଯୋଗ ନେଇ ତାଙ୍କ ଠାରୁ ଟଙ୍କା ନେବା ପରେ ମଧ୍ୟ ତାଙ୍କୁ ଜାଲି ଏନ୍‌ଓସି ଦେଇ ଠକିଥିବାରୁ ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ଜୁବୁଲାକୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ଜୁବୁଲା ନିଜର ଅପରାଧ ସ୍ୱୀକାର କରିଥିବା ପୁଲିସ କହିଛି।

● ବାର୍ ଡିଜେ ଅପରେଟର୍ ମୃତ୍ୟୁ ମାମଲା

## ଭୁବନେଶ୍ୱର ଡିସିପିଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର/କଟକ, ୬ ।୨(ସମିସ):** ଭୁବନେଶ୍ୱରସ୍ଥିତ କଟକ ରୋଡ୍ ଦୀପାଳି ବାର୍ ଡିଜେ ଅପରେଟର୍ ରାଜେଶ ମଲ୍ଲିକଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ମୃତକଙ୍କ ପତ୍ନୀ ଶିବାନୀ ମଲ୍ଲିକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୩ ଅକ୍ଟୋବର ୧୯ରେ ରାଜେଶଙ୍କ ମୃତ୍ୟୁକୁ ପୁଲିସ ଏକ ସଡ଼କ ଦୁର୍ଘଟଣା ବୋଲି ଦର୍ଶାଇଥିଲା। ତେବେ ରାଜେଶଙ୍କ ପତ୍ନୀ ପରେ ଅନୁସନ୍ଧାନ କରିବାରୁ ତାଙ୍କ ସନ୍ଦେହ ହୋଇଥିଲା। ଘଟଣା ଦିନ ବାରର ଜଣେ ବନ୍ଧୁଙ୍କୁ ଫୋନ୍ କରି ରାଜେଶ କହିଥିଲେ ଯେ ଲିଙ୍ଗିପୁର ନିକଟରେ ୩ଜଣ ଯୁବକ ତାଙ୍କୁ ଅଟକାଇଛନ୍ତି। ଏ ସମ୍ପର୍କିତ ଅଡିଓ ରେକର୍ଡ ମଧ୍ୟ ରହିଥିଲା। ରାଜେଶଙ୍କ ମୃତ୍ୟୁବେଳେ ତାଙ୍କ ମୁଣ୍ଡର ପଛ ଭାଗ କେବଳ ଫାଟିଥିବା ମଧ୍ୟ ସ୍ପଷ୍ଟ ହୋଇଥିଲା। ଆବେଦନକାରୀ ତଥା ରାଜେଶଙ୍କ ପତ୍ନୀ ଏହି ଘଟଣାର ଅଧିକ ଅନୁସନ୍ଧାନ ପାଇଁ ବାରମ୍ବାର ଧଉଳି ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ କର୍ଣ୍ଣପାତ କରିନଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ଭୁବନେଶ୍ୱର ଡିସିପି ଓ ଧଉଳି ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୨୧କୁ ଧାର୍ଯ୍ୟ ହୋଇଛି।

## ପୃଥକ୍ ଲୁଟ୍, ୪ ଲୁଟେରା ଗିରଫ

**ଭୁବନେଶ୍ୱର, ୬ ।୨(ସମିସ):** ପଞ୍ଚସଖା ନଗରରୁ ଜଣେ ବ୍ୟକ୍ତିଙ୍କ ଘରେ ପଶି ଲୁଟ୍ କରିଥିବା ଅଭିଯୋଗରେ ୩ଜଣଙ୍କୁ ପୁଲିସ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବୃନ୍ଦାବନ ରେଡ୍ଡି, ରବୀନ୍ଦ୍ର ନାୟକ ଓ ଅରୁଣ ଦାସ। ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ନଦିମ ଅହମ୍ମଦଙ୍କ ଘରେ ପଶି ଲୁଟ୍‌ପାଟ୍ କରି ଲକ୍ଷାଧିକ ଟଙ୍କା ସାମଗ୍ରୀ ଲୁଟି ନେଇଥିଲେ। ସେଭଳି ଭରତପୁର ଥାନା ପୁଲିସ ଲୁଟେରା ବନମାଳି ମହାଭୋଇକୁ ଗିରଫ କରିଛି।

## ଓଲଟିଲା ହାଇୱା, ଅଳ୍ପକେ ବର୍ତ୍ତିଲେ ଚାଳକ



**ବାଲିଅନ୍ତା, ୬ ।୨(ସମିସ):** ମଙ୍ଗଳବାର ଭୋର ସମୟରେ ବେଣ୍ଟପୁର-ବାଲିପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତାର ଜଗନ୍ନାଥପୁର ଶାଖା କେନାଲ ବ୍ରିଜ୍ ନିକଟରେ ଏକ ବାଲି ବୋଝେଇ ହାଇୱା ନିୟନ୍ତ୍ରଣ ହରାଇ କେନାଲ ଭିତରକୁ ଖସି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଚାଳକ ଏବଂ ହେଲପର୍ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କ୍ରେନ୍ ସହାୟତାରେ ଗାଡ଼ି ଉପରକୁ ଅଣାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଭୋର ସମୟରେ ପ୍ରବଳ କୁହୁଡ଼ି ଯୋଗୁ ଚାଳକ ରାସ୍ତା ଜାଣି ନପାରିବାରୁ ଏହି ଦୁର୍ଘଟଣା ଘଟିଥିଲା।

## ଦୁର୍ଘଟଣା ଘଟାଇଥିବା ମୋ' ବସ୍ ଚାଳକ ଗିରଫ

**ଭୁବନେଶ୍ୱର, ୬ ।୨(ସମିସ):** ମୋ' ବସ୍ ଦୁର୍ଘଟଣା ଯୁବକଙ୍କ ମୃତ୍ୟୁ ପରେ ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି କମିସନରେଟ୍ ପୁଲିସ। ମୋ ବସ୍ ଚାଳକକୁ ମଙ୍ଗଳବାର ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ କିଲର ଚାଳକ ମୈତ୍ରୀବିହାର ଥାନା ସାଲିଆସାହିର ମନୋଜ କୁମାର ମଲ୍ଲିକ। ଦୁଇଦିନ ତଳେ ମୃତ ଯୁବକ ପଟିଆପଟରୁ ନିଜ ଗାଁ ଶିଖରଚଣ୍ଡୀ ନଗରକୁ ଫେରୁଥିଲେ। ମ୍ୟାଗନେଟିକ ଛକ ନିକଟରେ ଉକ୍ତ ଯୁବକଙ୍କୁ 'ମୋ ବସ୍'ଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ବସ୍ ଭଙ୍ଗାରୁଜା କରାଯାଇଥିଲା।

## ବସ୍ତି ବୁଲିଲେ, ସମସ୍ୟା ବୁଝିଲେ ଡିସିପି

**ଭୁବନେଶ୍ୱର, ୬ ।୨(ସମିସ):** କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଫାଳିକିଆ ବସ୍ତି ଏବଂ କେଦାରପଲ୍ଲୀ ବସ୍ତି ବୁଲିଥିଲେ ଭୁବନେଶ୍ୱର ଡିସିପି। ବସ୍ତି ଲୋକଙ୍କର ସମସ୍ୟା ଏବଂ ବସ୍ତିରେ ହେଉଥିବା ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ପଚାରି ବୁଝିଥିଲେ। ବସ୍ତିରେ ଅନେକ ସମୟରେ କୌଣସି ଘଟଣା ଘଟିଲେ ପୁଲିସ ଆସିବାରେ ବିଳମ୍ବ ହେଉଛି। ଯେଉଁଥି ପାଇଁ ବଡ଼ବଡ଼ ଗଣ୍ଡଗୋଳ ହେଉଛି। ତେଣୁ ବସ୍ତିରେ କିଛି ଅଘଟଣ ଘଟିଲେ ପୁଲିସକୁ ଖବର ଦେଲେ ତୁରନ୍ତ ଆସିବାକୁ ଲୋକେ କହିଛନ୍ତି। ଅନେକ ସମୟରେ ବସ୍ତିରେ ନିଶାଦ୍ରବ୍ୟ ଖାଇ ଯୁବକମାନେ ଝିଅ, ବୋହୂଙ୍କୁ ଅସଦାଚରଣ କରୁଛନ୍ତି। ତେଣୁ ବସ୍ତିରେ ନିଶା କାରବାର ରୋକିବାକୁ ବସ୍ତିଲୋକେ ଡିସିପିଙ୍କୁ କହିଥିଲେ। ଆହୁରି ମଧ୍ୟ ବସ୍ତିର କିଛି ଯୁବକ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ମଧ୍ୟ ପୁଲିସକୁ ବସ୍ତି ଲୋକ ନିବେଦନ କରିଛନ୍ତି। ପୁଲିସର ଏଭଳି ବସ୍ତି ପାଟ୍ରୋଲି ଫଳରେ ବସ୍ତିରେ ରହୁଥିବା ଅପରାଧୀ ମଧ୍ୟ ଭୟଭିତରେ ଅଛନ୍ତି।

### ସ୍ୱତନ୍ତ୍ର ଅପରାଧ ଶାଖାକୁ ସଫଳତା

## ୪୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୨ ଗିରଫ




**ଭୁବନେଶ୍ୱର, ୬ ।୨(ସମିସ):**

ସ୍ୱତନ୍ତ୍ର ଅପରାଧ ଶାଖାକୁ ଆଉ ଏକ ସଫଳତା ମିଳିଛି। ପାହାଳ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ନିକଟରୁ ୨ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଖୁଣ୍ଟୁଣିର ଶିବପ୍ରସାଦ ଦାସ(୨୭) ଓ ଜଗବନ୍ଧୁ ଦାସ(୨୯)। ସେମାନଙ୍କ ଠାରୁ ୪୦୦ ଗ୍ରାମ୍‌ର ବ୍ରାଉନ୍‌ସୁଗର, ଦାମୀ ବାଇକ୍, ମୋବାଇଲ ଫୋନ୍ ଓ ନଗଦ ୩୫୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ହେବ। ସେମାନେ ବ୍ୟବହାର କରୁଥିବା ମୋବାଇଲ୍‌ରୁ ଖୋର୍ଦ୍ଧାର ହଳଦିଆରେ ବ୍ରାଉନ୍‌ସୁଗର କିଣିଥିବା ସ୍ପଷ୍ଟ ହୋଇଛି। ତେଣୁ ସେମାନଙ୍କୁ ନିଶା ଯୋଗାଉଥିବା ମୁଖିଆର ଠିକଣାରେ ଚଢ଼ଉ କରୁଛି ସ୍ୱତନ୍ତ୍ର ଅପରାଧ ଶାଖାର ଏକ ଟିମ୍। ସେଭଳି ଧରାପଡ଼ିଥିବା ଶିବପ୍ରସାଦ ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ। ଏମିତିକି ସେମାନଙ୍କ ପୁରୁଣା ଅପରାଧିକ ରେକର୍ଡ ସହ ଆର୍ଥିକ କାରବାର ବିଷୟରେ ଖୋଳତାଡ଼ କରାଯିବ। ସେହିପରି ଦ୍ୱୈତନଗରୀରେ ନିଶା ବିରୋଧୀ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରାଯିବ। ନିଶା କାରବାର କରୁଥିବା ବେପାରୀଙ୍କ ଭଳି ନିଶାସେବନ କରୁଥିବା ବ୍ୟକ୍ତି ନାମରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯିବ ବୋଲି ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

### ଖୁଣ୍ଟୁଣିରେ ଖୋଲିଥିଲେ ଗୋଦାମ

ଗିରଫ ଶିବପ୍ରସାଦ ଓ ଜଗବନ୍ଧୁ ଖୁଣ୍ଟୁଣି ଏକ ଗୋଦାମ ଖୋଲିଥିଲେ। ସେମାନେ ଖୋର୍ଦ୍ଧା ଓ ଜଳେଶ୍ୱରରୁ ମାଲ୍ ନେଇ ସେଠାରେ ବ୍ରାଉନ୍‌ସୁଗର ଗଚ୍ଛିତ ରଖୁଥିଲେ। ସେଠାରୁ ଅଳ୍ପ ପରିମାଣର ବ୍ରାଉନ୍‌ସୁଗର ଧରି ଭୁବନେଶ୍ୱରକୁ ଆସୁଥିଲେ। ଏଠାରେ ବିକ୍ରିକରି ପୁଣି କଟକ ଫେରି ଯାଉଥିଲେ। ସପ୍ତାହରେ ଦୁଇଥର ବ୍ରାଉନସୁଗର ଧରି ଭୁବନେଶ୍ୱରକୁ ଆସୁଥିଲେ। ଅନୁରୂପଭାବେ ଆଜି ସକାଳୁ ଶିବପ୍ରସାଦ ଓ ଜଗବନ୍ଧୁ ଖୁଣ୍ଟୁଣିରୁ ବ୍ରାଉନ୍‌ସୁଗର ନେଇ ଭୁବନେଶ୍ୱରକୁ ଆସୁଥିଲେ। ସେମାନେ ପାହାଳ, ମଞ୍ଚେଶ୍ୱର ଓ ହାଇଟେକ୍ ଆଦି ଅଞ୍ଚଳରେ ଛୋଟ ବ୍ୟବସାୟୀ ଓ ଗ୍ରାହକଙ୍କୁ ଦେଉଥା'ନ୍ତେ। କିନ୍ତୁ ସ୍ୱତନ୍ତ୍ର ଅପରାଧ ଶାଖାର ଏକ ଟିମ୍ ଶିବପ୍ରସାଦ ଓ ଜଗବନ୍ଧୁଙ୍କୁ ପିଛା କରି ଧରିବାକୁ ଆଗୁଆ ଜାଲ ବିଛାଇଥିଲେ। ଦୁଇ ନିଶା ବେପାରୀ ୧୬ନମ୍ବର ଜାତୀୟ ରାଜପଥର ଅଣ୍ଡରପାସ୍ ତଳେ ବ୍ରାଉନସୁଗର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଚଢ଼ଉ କରିଥିଲା ସ୍ୱତନ୍ତ୍ର ଅପରାଧ ଶାଖା। ସେଠାରୁ ଦୁଇ ଜଣଙ୍କୁ କାବୁ କରିବା ସହ ୪୦୦ ଗ୍ରାମ୍‌ର ବ୍ରାଉନ୍‌ସୁଗର ଠାବ କରିଥିଲା। ସେମାନେ ପୁଲିସକୁ ଚକ୍‌ମା ଦେଇ ଦ୍ରୁତଗତରେ ଖସିଯିବାକୁ ରେସିଂ ବାଇକ ବି ଚଢ଼ୁଥିଲେ।

### ଋଣ ଆଦାୟକାରୀରୁ ନିଶା ବେପାରୀ

ଶିବପ୍ରସାଦ ଏକ ଘରୋଇ ବ୍ୟାଙ୍କରେ ଋଣ ଆଦାୟକାରୀ ଭାବେ କାର୍ଯ୍ୟ କରୁଥିଲା। କିନ୍ତୁ ରୋଜଗାର କରୁଥିବା ଟଙ୍କାରେ ଶିବପ୍ରସାଦଙ୍କ ଆର୍ଥିକ ପରିସ୍ଥିତିରେ ସ୍ୱଚ୍ଛଳ ହୋଇନଥିଲା। ତେଣୁ ଚାକିରି ଛାଡ଼ି ଦେଇ ନିଶା କାରବାର କରି ମୋଟାଅଙ୍କର ଅର୍ଥ ରୋଜଗାର କରିବାକୁ ମନ ବଳାଇଥିଲେ। ଇଲେକ୍ଟ୍ରିକାଲ୍ ହେଲ୍‌ପର ଭାବେ କାର୍ଯ୍ୟ କରୁଥିବା ସହଯୋଗୀ ଜଗବନ୍ଧୁକୁ ନିଜ ସାମ୍ରାଜ୍ୟରେ ମିଶାଇଥିଲେ। ପରେ ଦୁଇ ଜଣ ମିଶି ଖୋର୍ଦ୍ଧାରୁ ମାଲ୍ କିଣି ଦ୍ୱୈତନଗରୀରେ ବିକ୍ରି କରି ଢେର୍ ଟଙ୍କା ରୋଜଗାର କରିଥିଲେ। ଏପରିକି ଶିବପ୍ରସାଦଙ୍କୁ ଅନେକ ଗଳାବାଟ ଜଣାଥିଲା। ତେଣୁ ଅତି ସହଜରେ ଦୀର୍ଘଦିନ ହେବ ସେ ବ୍ରାଉନ୍‌ସୁଗର କାରବାର ଚଳାଇ ଆସୁଥିଲେ।

## ୯ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୩ ଗିରଫ

**ଭୁବନେଶ୍ୱର, ୬ ।୨(ସମିସ):** ରାଜଧାନୀରେ ନିଶା କାରବାର କରୁଥିବା ୩ଜଣଙ୍କୁ କାବୁ କରାଯାଇଛି। ପଳାଶୁଣି ଛକରେ ବ୍ରାଉନ୍‌ସୁଗର କାରବାର କରୁଥିବା ଜଣେ ବେପାରୀକୁ ଗିରଫ କରିଛି ଅବକାରୀ ୟୁନିଟ୍। ଗିରଫ ଅଭିଯୁକ୍ତ ସରୋଜ ସାହୁ। ତା' ଠାରୁ ୮ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନ୍‌ସୁଗର ଓ ବାଇକ ଜବତ କରାଯାଇଛି। ସେ ଖୋର୍ଦ୍ଧାରୁ ମାଲ୍ ନେଇ ପଳାଶୁଣିରେ ବିକ୍ରି କରିବାକୁ ଯାଉଥିଲା। ଅବକାରୀ ୟୁନିଟ୍ ପିଛା କରି ସରୋଜକୁ କାବୁ କରି ନେଇଥିଲା। ସେ ଦାମୀ ବାଇକ ବ୍ୟବହାର କରୁଥିବାରୁ ଧରିବା ଲାଗି ନାକେଦମ୍ ହୋଇଥିଲା ଅବକାରୀ ୟୁନିଟ୍। ଦୀର୍ଘ ୧ ଘଣ୍ଟାର ଛକାପଞ୍ଝା ପରେ ଶେଷରେ ନିଶା ବେପାରୀକୁ କାବୁ କରାଯାଇଥିଲା। ସେହିପରି ବରମୁଣ୍ଡା ଅଞ୍ଚଳରେ ଗଞ୍ଜେଇ କାରବାର କରୁଥିବା ୨ଜଣ ବେପାରୀକୁ ଖଣ୍ଡଗିରି ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ରଞ୍ଜିତ ରାଉତ ଓ ଭାସ୍କର ଭୋଇ। ସେମାନଙ୍କ ଠାରୁ ୩କିଲୋ ୬୦୦ ଗ୍ରାମର ଗଞ୍ଜେଇ ଓ ୧୮ ହଜାର ୭୮୦ ଟଙ୍କା ଜବତ କରାଯାଇଛି।

# ଭୁବନେଶ୍ୱର ସିଟି



**ଏକାମ୍ର ଉତ୍ସବର ଚତୁର୍ଥ ସନ୍ଧ୍ୟା**

# ନୃତ୍ୟରେ 'ଓଡ଼ିଶାର ଅତୀତରୁ ବର୍ତ୍ତମାନ'





**ଭୁବନେଶ୍ୱର, ୬।୨(ସମିସ):**

ସାରା ଓଡ଼ିଶା ସାଉଣ୍ଟି ହୋଇଯାଇଥିଲା ଏକାମ୍ର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ। ନୃତ୍ୟଶିଳ୍ପୀମାନେ ସେମାନଙ୍କ ନୃତ୍ୟ ମାଧ୍ୟମରେ ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ପରିବର୍ତ୍ତନକୁ ଜୀବନ୍ତ ସ୍ପର୍ଶ ଦେଇଥିଲେ। ଉପସ୍ଥିତି ଦର୍ଶକ ଏକସ୍ୱରରେ କହିଥିଲେ 'ଜୟ ଜଗନ୍ନାଥ, ଆମେ ଓଡ଼ିଆ'। ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ନୃତ୍ୟରେ ବିବିଧ ଭାଷାର ଗୀତ, ବିଭିନ୍ନ ଧର୍ମର ଧର୍ମୀୟ ସଙ୍ଗୀତ ଯଥା କ୍ରିଷ୍ଣ ଗୋବିନ୍ଦ ହରେ ମୁରାରେ...ବୁଦ୍ଧଂ ଶରଣଂ ଗଚ୍ଛାମୀ ପରିବେଷଣ କରାଯାଇଥିଲା। ଓଡ଼ିଶୀ, ଗୋଟିପୁଅ, ସମ୍ବଲପୁରୀ, ସାନ୍ତାଳୀ ନୃତ୍ୟ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା।

ସେହିପରି ନୃତ୍ୟରେ ସାରେଗାମା ବର୍ଣ୍ଣ ଓ ଓଡ଼ିଆ ବର୍ଣ୍ଣମାଳାକୁ ସ୍ଥାନ ଦିଆଯାଇଥିଲା। ଓଡ଼ିଆ ପିଠାପଣା, ପର୍ବପର୍ବାଣୀ, ଓଷା, ଲକ୍ଷ୍ମୀପୁରାଣ, ଜଗନ୍ନାଥ ଦାସଙ୍କ ଭାଗବତର ବର୍ଣ୍ଣନା... ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାର... ସନ୍ଥକବି ଭୀମ ଭୋଇଙ୍କ ସଙ୍ଗୀତ... ନୃତ୍ୟ ଓ ସଙ୍ଗୀତ ମାଧ୍ୟରେ ପରିବେଷଣ କରାଯାଇଥିଲା। ନୃତ୍ୟାଭିନୟରେ ଓଡ଼ିଶା ଇତିହାସରକୁ ଉପସ୍ଥାପନ କରିଥିଲେ ନୃତ୍ୟଶିଳ୍ପୀ। ରାଜ୍ୟରେ ଇଂରେଜ ଶାସନ ବିରୋଧରେ ସଂଗ୍ରାମ ଠାରୁ ଆରମ୍ଭ କରି ଓଡ଼ିଶା ପ୍ରଦେଶ ଗଠନର ପୁରୋଧା ଓ ପ୍ରବାଦ ଓଡ଼ିଆ ମହାପୁରୁଷମାନଙ୍କ ପରିଶ୍ରମ ଏବଂ ଗଡ଼ଜାତ ମିଶ୍ରଣ ପରେ ପୂର୍ଣ୍ଣ ଓଡ଼ିଶା ପ୍ରଦେଶ ଗଠନକୁ ନୃତ୍ୟମାଧ୍ୟମରେ ପରିବେଷଣ କରାଯାଇଥିଲା।

## 'ନଅଙ୍କ ଦୁର୍ଭିକ୍ଷରୁ ସରକାରଙ୍କ ସଫଳତା'

ରାଜ୍ୟରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ବେଳର ନିଚ୍ଛକ ଚିତ୍ର ଠାରୁ ଆରମ୍ଭ କରି ରାଜ୍ୟରେ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳତା, ରାଜ୍ୟ ଭୋଗିଥିବା ବାତ୍ୟା ସମୟର ଯନ୍ତ୍ରଣା ପରେ ଏହାର ତ୍ୱରିତ ଉଦ୍ଧାରକାର୍ଯ୍ୟ ଏବଂ ରିଲିଫ ପ୍ରଦାନ କାର୍ଯ୍ୟ ନୃତ୍ୟାଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହାସହ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନକୁ ନୃତ୍ୟ ଦ୍ୱାରା ପରିବେଷଣ କରାଯାଇଥିଲା। ସେହିଭଳି କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ଜଗନ୍ନାଥଙ୍କ ଭଜନରୁ ତାଙ୍କ ପରିବେଷଣ ଆରମ୍ଭ କରିଥିଲେ। ଏହା ପରେ ଓ ସାଥିଆ..., ମୌଲା ମେରେ ଭଳି ଗୀତ ଗାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ମଜାଳିଆ ଢଙ୍ଗରେ ଭାଷାକୁ ନେଇ ବେଶ୍ ରୋଚକ କଥା କହିଥିଲେ। ଓଡ଼ିଶାର ବିଭିନ୍ନ ଭାଷାକୁ ସେ ଦର୍ଶକଙ୍କ ପାଖେ କହିଥିଲେ। ଭାଷା ହିଁ ଭବିଷ୍ୟତ ବୋଲି ତାଙ୍କ କଥାରେ ସେ ପ୍ରତିପାଦିତ କରିଥିଲେ।





## ୨୧ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କଲେ '୫-ଟି' ଅଧ୍ୟକ୍ଷ

ଏକାମ୍ର ଉତ୍ସବରେ ଓଡ଼ିଆ ସିନେମା ଓ ସଙ୍ଗୀତ ସହ ଜଡ଼ିତ ୨୧ ଜଣ ପରଦା ପଛର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ସ୍ମାରକ ସହ ମହାନାୟକମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ହେଲେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, କଣ୍ଠଶିଳ୍ପୀ ଗୀତା ଦାସ, ନିର୍ଦ୍ଦେଶକ ଘନଶ୍ୟାମ୍ ମହାପାତ୍ର, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ନିର୍ଦ୍ଦେଶକ ଗଦାଧର ପୁଟୀ, ନିର୍ଦ୍ଦେଶକ ଶିଶିର ମିଶ୍ର, ନିର୍ଦ୍ଦେଶକ ବିଭୁ ଦାସ, ନିର୍ଦ୍ଦେଶକ ବସନ୍ତ ସାହୁ, ବଂଶୀବାଦକ ହରିପ୍ରସାଦ ଚୌରାସିଆ, ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, କଳାକାର ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ, ସଙ୍ଗୀତଜ୍ଞ ତାନ୍‌ସେନ୍ ସିଂ, ସଙ୍ଗୀତଜ୍ଞ ଗୀତା ପଟ୍ଟନାୟକ, ସଙ୍ଗୀତଜ୍ଞ ସୁବାସ ଦାସ, ଗୀତିକାର ଅଲେଖ ବିଶ୍ୱାଳ, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଦେବାଶିଷ ଛୋଟରାୟ, ଅଭିନେତ୍ରୀ ନମ୍ରତା ଦାସ, ସୌଦାମିନୀ ମିଶ୍ର, କ୍ୟାମେରାମ୍ୟାନ୍ ସୁରେନ୍ଦ୍ର ସାହୁ ଏବଂ ଦିଲ୍ଲୀପ ରାୟ। କାର୍ଯ୍ୟକ୍ରମରେ ଓଏଫ୍‌ଡିସିର ଅଧ୍ୟକ୍ଷ କୁନା ତ୍ରିପାଠୀ ଉପସ୍ଥିତ ଥିଲେ।



## ରାମିଆ ରିକ୍ସାରେ ବୁଲିଲେ ବୁଢ଼ାବୁଢ଼ୀ...

ଅଭିନୟ ମାଧ୍ୟମରେ ରାମିଆ ରିକ୍ସାରେ ବୁଲି ଓଡ଼ିଶା ଭ୍ରମଣ କଲେ। ରିକ୍ସାବାଲା କହୁଥିଲେ ଅଖିରେ ନକ୍ସା ହାତରେ ରିକ୍ସା ମୁଁ ରାମିଆ ରିକ୍ସା। ଭ୍ରମଣ ବେଳେ ଲୋକଙ୍କୁ ହସାଇ ହସାଇ ଗଡ଼ାଇଲେ। ପ୍ରଥମେ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ଓଡ଼ିଶା ଭ୍ରମଣ ଆରମ୍ଭ ହେଇଥିଲା। ପରେ କଟକ ଏବଂ ଅନ୍ୟାନ୍ୟ ଜିଲ୍ଲା ବୁଲିଥିଲେ। ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର 'ବୋଲି' ଏହି କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା। ଏହାସହ ସବୁ ଜିଲ୍ଲାର ମହିମା, ଚାଲି ଚଳଣି, ଖାଦ୍ୟ- ପିଠା ପଣା ଓ ସବୁ ଜିଲ୍ଲାର ଭାଷାକୁ କାର୍ଯ୍ୟକ୍ରମ ମାଧ୍ୟରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର ଓଡ଼ିଆ ଭାଷା କେତେ ମଧୁର ତାହା କଳାକାରମାନେ ନିଜ ଅଭିନୟରେ ଦର୍ଶାଇଥିଲେ। ଅତିଥି ଭାବେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରଥମେ ନୃତ୍ୟଗୁରୁ ଅରୁଣା ମହାନ୍ତିଙ୍କୁ ସମ୍ମାନିତ କରିଥିଲେ।





# ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାରେ ସର୍ବାଧିକ ତାଲିମ୍ ପ୍ରଦାନ

**ଭୁବନେଶ୍ୱର, ୬।୨(ସମିସ):** ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା(ସିଏମ୍‌ଇଜିପି)ରେ ରାଜ୍ୟର ୧୭ ଲକ୍ଷରୁ ଅଧିକଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ୨୦୧୪-୧୫ ବର୍ଷରୁ ୨୦୨୨-୨୩ ବର୍ଷ ମଧ୍ୟରେ ଏହି ଯୋଜନାରେ ସର୍ବାଧିକ ତାଲିମ୍ ଦିଆଯାଇଛି। ସେହିପରି ନିଯୁକ୍ତି ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ପିଏଲ୍‌ଟିପି) ଯୋଜନାରେ ୨୦୧୪-୧୫ ବର୍ଷରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ୮୯, ୪୩୮ ଜଣଙ୍କୁ ତାଲିମ୍ ଦିଆଯାଇଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିୱାଇ)ରେ ୨୦୧୮-୧୯ ରୁ ୨୦୨୨-୨୩ବର୍ଷ ପର୍ଯ୍ୟନ୍ତ ୧୫, ୬୮୦ ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତିନୋଟି ଯୋଜନାରେ ପ୍ରାୟ ୧୮ ଲକ୍ଷ ଯୁବକ ଯୁବତୀଙ୍କୁ ତାଲିମ ଦିଆଯାଇ ନିଯୁକ୍ତିକ୍ଷମ କରାଯାଇଛି। ରାଜ୍ୟର ତାଲିମ ପ୍ରାପ୍ତ ବା ଶିକ୍ଷିତ ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ଓ ରୋଜଗାରକ୍ଷମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହାସହ ସରକାରୀ ଓ ବେସରକାରୀ ବୈଷୟିକ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ କର୍ମନିଯୁକ୍ତି ଦେବାପାଇଁ କେନ୍ଦ୍ରୀୟ ନିଯୁକ୍ତି ସେଲ(ସିପିସି) ଗଠନ କରାଯାଇଛି। ସେନା ବାହିନୀରେ ନିଯୁକ୍ତି ପାଇଁ ସେନା ନିଯୁକ୍ତି ରାଲି, ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆଦି କରାଯାଉଛି। ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପ୍ରକାଶ କରିଛନ୍ତି।

# କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୨(ସମିସ):** ବିଏମ୍‌ସି ପକ୍ଷରୁ ୱାର୍ଡ ନମ୍ବର ୧୦ ଅନ୍ତର୍ଗତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ମଙ୍ଗଳବାର କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ୨୪୦ଟି କୁକୁର ରହିବା କ୍ଷମତା ଥିବା ଏହି କେନ୍ଦ୍ରରେ ୪୮ଟି କୁକୁର ଘର ରହିଛି। ସେହିପରି ୨ଟି ଅସ୍ତ୍ରୋପଚାର ଗୃହ ସହ ୫ଟି ଅସ୍ତ୍ରୋପଚାର ଟେବୁଲ୍‌ର

- ଏକାଥରକେ ରହିପାରିବେ ୨୪୦ କୁକୁର
- ଖୋଲିଲା ୪୮ କୁକୁର ଘର, ୨ ଅସ୍ତ୍ରୋପଚାର ଗୃହ

ବ୍ୟବସ୍ଥା କରାଯାଇଛି। କୁକୁରଙ୍କୁ ଆଣିବା ଓ ଛାଡ଼ିବା ପାଇଁ ୨ଟି ଗାଡ଼ି ରହିଛି। ଆବଶ୍ୟକ ଡାକ୍ତର, ଚିକିତ୍ସା ସହାୟକ ଏବଂ କର୍ମଚାରୀ ମଧ୍ୟ ରହିଛନ୍ତି। ଯେଉଁ ଅଞ୍ଚଳରୁ କୁକୁରଗୁଡ଼ିକୁ ବନ୍ଧ୍ୟାକରଣ ଓ ଆଣ୍ଟି ରାବିସ୍ ଟିକା ଦେବା ପାଇଁ ଏଠାକୁ ଅଣାଯିବ, ସେମାନେ ସୁସ୍ଥ ହେବା ପରେ ପୁଣି ସେହି ଅଞ୍ଚଳରେ ଛାଡ଼ି ଦିଆଯିବ।

ବୁଲା କୁକୁରଙ୍କୁ କୁକୁର ବୁହା ଗାଡ଼ି ଯୋଗେ ଏଠାକୁ ଆଣି ସରକାରୀ ନିୟମ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁସାରେ ସେମାନଙ୍କୁ ପୃଥକ୍ ଭାବେ ରଖାଯିବ। ସେମାନଙ୍କର ଖାଇବା ପିଇବା ସହ ସମସ୍ତ ଯତ୍ନ ନିଆଯିବ। ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବନ୍ଧ୍ୟାକରଣ ଓ ଟିକାକରଣ



କରାଯାଇ ସେମାନଙ୍କ ଚିକିତ୍ସା କରାଯିବ। ଏହାସହ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ଓ ଚିକିତ୍ସା ଯୋଗାଇ ଦିଆଯିବ। ବନ୍ଧ୍ୟାକରଣ ଅବଧି ପରେ ସେମାନଙ୍କୁ ପୂର୍ବ ସ୍ଥାନରେ ସୁରକ୍ଷିତ ଭାବେ ଛାଡ଼ିଦିଆଯିବାର ସମସ୍ତ ବ୍ୟବସ୍ଥା ରହିଛି। କୌଣସି ବୁଲା କୁକୁରଙ୍କୁ ସ୍ଥାନାନ୍ତର ନକରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏଠାରେ ଯେଉଁସବୁ କାମ ହେଉଛି ବା ଆଗାମୀ ଦିନରେ ହେବ, ତାହା ସବୁ ସରକାରୀ ନିୟମ ଅନୁଯାୟୀ କରାଯିବ। ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ୨ହଜାର ୮ଟି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିଛି। ଖାଲି ବନ୍ଧ୍ୟାକରଣ ନୁହେଁ, ସେମାନଙ୍କୁ ଜଳାତଙ୍କ ପ୍ରତିରୋଧୀ ବା ଆଣ୍ଟି ରାବିସ୍ ଟିକା ମଧ୍ୟ ଦିଆଯାଉଛି। ଭୁବନେଶ୍ୱରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରୟାସ ଜାରି ରହିଛି। ପୂର୍ବରୁ ସହିଦ ନଗରଠାରେ ଅଳ୍ପ ସଂଖ୍ୟକ କୁକୁରଙ୍କ ବନ୍ଧ୍ୟାକରଣ କରାଯାଉଥିଲା। ଏବେ ଏହି କାର୍ଯ୍ୟରେ ଉନ୍ନତି ଆସିବ ବୋଲି କୁହାଯାଇଛି। ଏହି କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କମିସନର ବିଜୟ ଅମୃତା କୁଲାଙ୍ଗେ, ସାମାଜିକ ନ୍ୟାୟ କମିଟିର ଅଧ୍ୟକ୍ଷା ବିନୟିନୀ ଜେନା, ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର ରାଉତ, ସ୍ଥାନୀୟ କର୍ପୋରେଟର ସେକ୍ ନୁର୍‌ହାସନ, କର୍ପୋରେଟର ଅଜିତ ବେହେରା, ଟିମ୍ ବିଏମ୍‌ସି ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, କୌଣସି ଅଞ୍ଚଳରେ ବୁଲା କୁକୁରଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇଲେ ନାଗରିକମାନେ ୧୯୨୯କୁ ଫୋନ୍ କରି ଜଣାଇ ପାରିବେ କିମ୍ବା ସ୍ୱଚ୍ଛ ଭୁବନେଶ୍ୱର ଆପ୍‌ରେ ଜଣାଇବାର ପ୍ରାବଧାନ ରହିଛି।

**କେଉଁଠି ମିଳୁଛି...**

## ସବୁଠୁ ପୁରୁଣା 'ବଇଆ କୋରାଖଇ'

# ଭୁବନେଶ୍ୱରରେ ତିଆରି; ବିଦେଶରେ ବିକ୍ରି

**ଭୁବନେଶ୍ୱର, ୬।୨(ସମିସ):**

ରାଜଧାନୀରେ କୋରାଖଇ କଥା ଉଠିଲେ ମନେପଡ଼େ ପୁରୁଣା ଭୁବନେଶ୍ୱରର ବଇଆ କୋରାଖଇ। ଏହି ବଇଆ ଖୋରାଖଇ କେବଳ ଯେ ଓଡ଼ିଶା ଲୋକଙ୍କୁ ପସନ୍ଦ ତାହା ନୁହଁ ବରଂ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ବେଶ ଆକୃଷ୍ଟ କରିଥାଏ। ପୁରୁଣା ଭୁବନେଶ୍ୱରର କୋରାଖଇକୁ ନେଇ ଯେତିକି ଐତିହ୍ୟ ଓ ସଂସ୍କୃତି ରହିଛି ତାହାର ପରମ୍ପରା ମଧ୍ୟ ସେତିକି ପୁରୁଣା ପ୍ରାୟ ତିନିଶହ ବର୍ଷ ପୁରୁଣା କୋରାଖଇ ଓଡ଼ିଶାର ଦେବଦେବୀଙ୍କ ସହ ଜଡ଼ିତ। ଆଉ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ସହ ସମ୍ପର୍କ ମଧ୍ୟ ବହୁତ ପୁରୁଣା। ଶ୍ରୀଲିଙ୍ଗରାଜଙ୍କ ପାଖରେ ହେଉଥିବା କୋରାଖଇ ଭୋଗ ଏବେ ବିଶ୍ୱ ପ୍ରସିଦ୍ଧ ହେବା ସହ ଏବେ ଓଡ଼ିଶାର ବିଭିନ୍ନ ମନ୍ଦିରର ଭୋଗ ହୋଇପାରିଛି। ଚାହିଦାକୁ ନଜରରେ ରଖି ଅନେକ ପରିବାର ଏବେ କୋରାଖଇ ତିଆରିକୁ ବୃତ୍ତି ଭାବେ ଗ୍ରହଣ କରିଲେଣି। ପୁରୁଣା ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ବିଭିନ୍ନ ପ୍ରକାର କୋରାଖଇ ଦେଖିବାକୁ ମିଳେ। ସେମାନଙ୍କ ବାପା, ଜେଜେବାପା ଅମଳରୁ ସେମାନେ ଏହାକୁ ତିଆରି କରିବା ଆରମ୍ଭ କଲେଣି। ମାତ୍ର 'ବଇଆ କୋରାଖଇ' ସବୁଠୁ ପୁରୁଣା ଦୋକାନ। ଏଠାରେ ରୁଚି ଅନୁଯାୟୀ କୋରାଖଇ ମିଳିଥାଏ। ସେହି ଦୋକାନଟି ବାପା ଜେଜେ ଅମଳରୁ ଚାଲି ଆସିଛି ବୋଲି ସ୍ଥାନୀୟ ଲୋକ କୁହନ୍ତି। ଦେବାଦେବୀଙ୍କ ପାଖରୁ ଭୋଗ ଲାଗିବା ପରେ ତାଙ୍କ ବିକ୍ରି ଆରମ୍ଭ ହୁଏ ବୋଲି କୋରାଖଇ ପ୍ରସ୍ତୁତ କରୁଥିବା ଭାଗବତ ସାହୁ କୁହନ୍ତି। ତାଙ୍କ କହିବା ଅନୁଯାୟୀ ପୁରୁଣା ଭୁବନେଶ୍ୱରର କୋରାଖଇର ଯେତିକି ସ୍ୱତନ୍ତ୍ରତା ରହିଛି ତାର ପ୍ରସ୍ତୁତି ପ୍ରଣାଳୀ ବି ଠିକ୍ ସେହିଭଳି ନିଆରା।



## କେଉଁଠୁ ଆସୁଛି, କେମିତି ହେଉଛି



କୋରାଖଇ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଖଇ, ଚିନି, ଗୁଡ଼, ଘିଅ, ଗୋଲମରିଚ, ଗୁଜୁରାତି, ଜାଇଫଳ, ପାନମଧୁରୀ ଆଦି ଲାଗିଥାଏ। ଏଥିରେ ଦୁଇ ତିନି ପ୍ରକାର କୋରାଖଇ ପ୍ରସ୍ତୁତ କରାଯାଉଛି। ପ୍ରଥମେ ପାଣିରେ ଗୁଡ଼ ବା ଚିନିକୁ ପ୍ରଥମେ ମିଶାଇ ଶିରା ପ୍ରସ୍ତୁତ କରାଯାଏ। ପରେ ସେଥିରେ ନଡ଼ିଆ ଖଣ୍ଡ ଓ ବାକି ମସଲା ମିଶାଯାଇଥାଏ। ଏହାପରେ ଟିକେ ଗରମ କମିଲେ ସେଥିରେ ଦେଶୀ ଘିଅ ମିଶାଯାଏ। ପରେ ଏହା ଥଣ୍ଡା ହେଲେ ତାକୁ ଖଣ୍ଡ ଖଣ୍ଡ କରାଯାଏ। ସକାଳ ୮ ରୁ ରାତି ୮ ଯାଏଁ ସେ ଓ ତାଙ୍କ ସହ ଆଉ ୭ ରୁ ୮ ଜଣ ଏହି କାମରେ ଲାଗିଥାନ୍ତି। ୨ ଶହ ଟଙ୍କାରୁ ଆରମ୍ଭ ହୋଇ ୪୦୦ ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି। ତାଙ୍କ କହିବା ଅନୁଯାୟୀ ବିଶେଷ କରି ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ମକର ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି ଏବଂ ଜନ୍ମାଷ୍ଟମୀରେ ଅନ୍ୟ ଦିନ ଅପେକ୍ଷା କୋରାଖଇର ବିକ୍ରି ଅଧିକ ହୋଇଥାଏ। ସାଧରଣ ଦିନରେ ମଧ୍ୟ ବିକ୍ରି ବନ୍ଦ ହୋଇ ନ ଥାଏ। ତାଙ୍କ କୋରାକଇର ଚାହିଦାକୁ ନେଇ ସେ କୁହନ୍ତି କେବଳ ଓଡ଼ିଶାରେ ନୁହଁ ବରଂ ବିଦେଶରେ ଥିବା ଓଡ଼ିଆ ନିଜ ପରିବାର ଓ ସମ୍ପର୍କୀୟଙ୍କ ପାଇଁ ଏହିଠାରୁ ହିଁ କିଣି ନେଉଛନ୍ତି। ଏହି କୋରାଖଇ ପାଇଁ ଆବଶ୍ୟକ ହେଉଥିବା ନଡ଼ିଆ ସେ ସାକ୍ଷୀଗୋପାଳରୁ ଆଣୁଥିବା ବେଳେ, କାଜୁ ଆନ୍ଧ୍ରପ୍ରଦେଶରୁ ଏବଂ ଖଇ ଫୁଲବାଣୀରୁ ଆଣୁଛନ୍ତି। କାଠଚୁଲା ଏବଂ ଗ୍ୟାସରେ ସେ ଘରୋଇ ଶୈଳୀରେ ଏହି କୋରାଖଇକୁ ତିଆରି କରୁଛନ୍ତି। ଯାହାର ସ୍ୱାଦ ଓ ବାସ୍ନା ସମସ୍ତଙ୍କଠୁ ଭିନ୍ନ ଓ ନିଆରା। ତେଣୁ ଆଖପାଖରେ ଯେତେ ନୂଆ କୋରାଖଇ ଦୋକାନ ଖୋଲିଲେ ବି ତାଙ୍କ ଦୋକାନର ଚାହିଦା କମିବ ନାହିଁ ବୋଲି ତାଙ୍କ ବିଶ୍ୱାସ ରହିଛି। ଏହା ସହ ସେ କହିଛନ୍ତି ଓଡ଼ିଶା ପ୍ରସିଦ୍ଧ ଏହି କୋରାଖଇକୁ ଜିଆଇ ମାନ୍ୟତା ମିଳିବା ଦରକାର। କାରଣ ଏହା ସବୁଠି ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଚାହିଦା ମଧ୍ୟ ବୃଦ୍ଧି ପାଉଛି।



# ଭୁବନେଶ୍ୱର ସିଟି

## ଏକାମ୍ର ଭୁବନେଶ୍ୱରରେ ବିଜେପିକୁ ଶକ୍ତ ଝଟ୍‌କା

# ବିଜେଡିରେ ମିଶିଲେ ଶତାଧିକ ବିଜେପି କର୍ମୀ




**ଭୁବନେଶ୍ୱର, ୬ ।୨(ସମିସ):** ଏକାମ୍ର ନିର୍ବାଚନମଣ୍ଡଳୀର ବିଜେପିକୁ ଲାଗିଛି ଶକ୍ତ ଧକ୍କା । ଏହି ନିର୍ବାଚନମଣ୍ଡଳୀରେ ବିଜେପି ସହ ଦୀର୍ଘଦିନର ସମ୍ପର୍କ ତୁଟାଇ ଶତାଧିକ କର୍ମୀ ଆଜି ଶଙ୍ଖଭବନ ଠାରେ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା । ସମସ୍ତଙ୍କୁ ଦଳରେ ସ୍ୱାଗତ କରି ଶ୍ରୀ ଦାସ କହିଥିଲେ ଯେ ବିଜୁ ଜନତା ଦଳ ଏପରି ଏକ ଦଳ ଯେଉଁଠି ସମସ୍ତେ ସମାନ । ଏହା ହେଉଛି ସବୁଠାରୁ ଶୃଙ୍ଖଳିତ ଦଳ । ଲୋକଙ୍କ ସେବା କରିବା ପାଇଁ ଏହି ଦଳ ସମସ୍ତଙ୍କୁ ସମାନ ସୁଯୋଗ ଦେଇଥାଏ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଭାବମୂର୍ତ୍ତି ଏବଂ ରାଜ୍ୟରେ ଚାଲିଥିବା ରୂପାନ୍ତରଣ ସମସ୍ତଙ୍କୁ କିମିଆ କରିଛି । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ସେ କହିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ବିଜେପିରେ ରହିଥିଲେ ସୁଦ୍ଧା ସେଠାରେ କାମ କରିବା ପାଇଁ ସୁଯୋଗ ନାହିଁ । ଗୋଡ଼ଟଣା ନୀତି, ଆଦର୍ଶହୀନ ରାଜନୀତିରେ କାମ କରିବା ସମ୍ଭବ ନ ଥିଲା । ଅପରନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଯେପରି ଭାବେ ସମଗ୍ର ବିଶ୍ୱରେ ନିଜ ଆଧିପତ୍ୟ ବିସ୍ତାର କରୁଛି, ସ୍ୱାସ୍ଥ୍ୟରୁ ନେଇ ଶିକ୍ଷା, କ୍ରୀଡ଼ାରୁ ନେଇ ଦକ୍ଷତା ବିକାଶରେ ରୂପାନ୍ତରଣ ପାଇଛି ତାହା ଆମକୁ ବିଜେଡି ପ୍ରତି ସର୍ବଦା ଆକୃଷ୍ଟ କରିଥିଲା । ଏହି ଦଳ ଶୃଙ୍ଖଳାକୁ ସର୍ବାଧିକ ପ୍ରାଧାନ୍ୟ ଦେଇ କାମ କରେ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଆମେ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି କହିଥିଲେ । ଏହି ମିଶ୍ରଣ ପର୍ବରେ ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାପତି ଛବି ସ୍ୱାଇଁ, ଲିଙ୍ଗରାଜ ମଣ୍ଡଳର ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ଗୋପାଳ ମକଦମ, ବିଜେପି ଖଣ୍ଡଗିରି ମଣ୍ଡଳ ସମ୍ପାଦକ ମନୋଜ ଦୋରା, ବିଜେପି ଲିଙ୍ଗରାଜ ମଣ୍ଡଳର ପୂର୍ବତନ ସମ୍ପାଦକ ଓ ପୂର୍ବତନ ଉପସଭାପତି ଅମରେନ୍ଦ୍ର ଗରାବଡୁ, ସସ୍ମିତା ସାହୁ, ଭାରତୀ ସେଠୀ, ପ୍ରତାପ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ରଞ୍ଜିତା ବାଲିଆ, ଆରତୀ ମହାରଣା, ଉର୍ମିଳା ମାଝୀ, ସତ୍ୟଭାମା ସ୍ୱାଇଁ, ଶାନ୍ତି ବାରିକ, ଗାୟତ୍ରୀ ରାୟ, ଦେବରାଜ କବିଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍ତର ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର, ୬।୨(ସମିସ):** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଲିଆସାହି ଅଞ୍ଚଳରେ ବିଏମ୍‌ସି ୱାର୍ଡ ନମ୍ବର ୧୬, ୨୬ ଏବଂ ଇଞ୍ଜଣା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଦ୍ମକେଶରପୁରରେ ବିଧାୟକ ସୁଶାନ୍ତ ରାଉତ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ରଙ୍କ ଉପସ୍ଥିତିରେ ହଜାର ହଜାର ବିଜୁପ୍ରେମୀମାନଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା ସହିତ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସୁଶାସନ ଏବଂ ଦକ୍ଷ ନେତୃତ୍ୱ ଯୋଗୁଁ ରାଜ୍ୟର ପ୍ରତ୍ୟେକ ବର୍ଗର ଓ ପରିବାରର ସଦସ୍ୟମାନେ ବିଭିନ୍ନ ଜନକଲ୍ୟାଣ ଯୋଜନା ମାଧ୍ୟମରେ ଉପକୃତ ହୋଇପାରିଛନ୍ତି । ମହିଳା ସଶକ୍ତୀକରଣ, ଗରିବ ପରିବାରର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା, ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା, କ୍ରୀଡ଼ାରେ ପ୍ରୋତ୍ସାହନ, କୃଷି ଠାରୁ ଆରମ୍ଭ କରି ହସ୍ତଶିଳ୍ପ କାରିଗରମାନଙ୍କୁ ସରକାରୀ ସହାୟତା ଭଳି ବିଭିନ୍ନ କ୍ଷେତ୍ରରେ ଆମ ରାଜ୍ୟ ଅଗ୍ରଣୀ ଲାଭ କରିଛି । ପଦଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କର ଏହି ରୂପାନ୍ତରୀକରଣର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଯାଇଥିଲା । ଏହି ଜନସମ୍ପର୍କ ପଦଯାତ୍ରାରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, ଜିଲ୍ଲା ପରିଷଦ ବବିତା ରାଉତ, ସ୍ଥାନୀୟ କର୍ପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ, ଭାରତୀ ସିଂ, ମିହିର କୁମାର ରାଉତ, ମୋନାଲିସା ବେହେରା, ଇତିଶ୍ରୀ ଦାସ, ସରପଞ୍ଚ ହେମନ୍ତ ପରିଡ଼ା, ଖୋଲଣା ମାଝୀ, ସମିତି ସଭ୍ୟ ମମିତା ଦାସ, ଭୁବନ ମୋହନ ଦାସ, ଯୁବନେତା ଅବଲା ସ୍ୱାଇଁ, ଅଶୋକ ବେହେରା, କାଳନ୍ଦୀ ପ୍ରଧାନ, ସଞ୍ଜୟ ସେଠି, ସୌଭାଗ୍ୟ ବାରିକ, ସୁଧାକର ମାଝୀ, ପ୍ରଶାନ୍ତ କୁମାର ସ୍ୱାଇଁ, ଚଗଲା ଜେନା, ନିର୍ମଳ ରାଉତ, ଶ୍ରୀଧର ବରାଳ, ପ୍ରଦୀପ ଦାସ, ସୁବ୍ରତ ଦାସ, ତ୍ରିବେନ୍ଦ୍ର ଦାସ, ଲକ୍ଷ୍ମୀଧର ଦାସ, ମିଟୁ ଦାସ, ଚିତ୍ତ ରଞ୍ଜନ ଦାସ, ଶାନ୍ତନୁ ଦାସ, ବୀରେନ୍ଦ୍ର ଜେନା, ସୁବାସ ସାହୁ, ମୁରବୀ ଅନ୍ତର୍ଯ୍ୟାମୀ କୁଅଁର, ରାଜୀବ ସ୍ୱାଇଁ, ଲକ୍ଷ୍ମଣ ରାଉତ, ମହିଳା ନେତ୍ରୀ ସୂର୍ଯ୍ୟକାନ୍ତି ଜେନା, ବବିତା ରାଉତ, ଝୁନୁବାଳା ଦେଇ, ବାସନ୍ତୀ ସିଂ, ସୁସ୍ମିତା ଦାସ, ଗୀତାଞ୍ଜଳି ବାଘ, ରୁନୁବାଳା ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଯୁବ ଛାତ୍ର, ବରିଷ୍ଠ ନାଗରିକ ତଥା ଏସ୍‌ଏଚ୍‌ଜି ସଦସ୍ୟ ଯୋଗଦେଇଥିଲେ ।

## ● ‘ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ରେ ସିଦ୍ଧାର୍ଥଙ୍କ ଓଜସ୍ୱୀ ଅଭିଭାଷଣ

# ପ୍ରଶଂସା କଲେ ଆମେରିକୀୟ ଓଡ଼ିଆ ବୈଜ୍ଞାନିକ ସଚ୍ଚିଦାନନ୍ଦ ପଣ୍ଡା

**ଭୁବନେଶ୍ୱର, ୬।୨(ସମିସ):** ‘ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ର ତୃତୀୟ ଦିନରେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାର୍ଥ କୁମାର ସାହୁଙ୍କ ଓଜସ୍ୱୀ ଅଭିଭାଷଣ ସମସ୍ତଙ୍କୁ ପ୍ରଭାବିତ କରିଛି । ଯିଏ ତାଙ୍କ ଭାଷଣ ଶୁଣୁଛି ପ୍ରଶଂସା କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରୁଛନ୍ତି । ଓଡ଼ିଆ ଭାଷାକୁ ନେଇ ସିଦ୍ଧାର୍ଥ ଚମତ୍କାର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । ତାଙ୍କ ଉପସ୍ଥାପନା ଶୈଳୀ ଓ ଭାବଭଙ୍ଗୀ ସମସ୍ତଙ୍କୁ ଆକୃଷ୍ଟ କରିଛି । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ତାଙ୍କ ପ୍ରତିଭାକୁ ଢେର ପ୍ରଶଂସା କରିଛନ୍ତି । ଏହି କ୍ରମରେ ଯୋଡ଼ି ହୋଇଛନ୍ତି ରେଭେନ୍ସା କଲେଜିଏଟ୍ ସ୍କୁଲର ପ୍ରାକ୍ତନ ଛାତ୍ର ତଥା ଆମେରିକାରେ ରହୁଥିବା ଓଡ଼ିଆ ବୈଜ୍ଞାନିକ ଡକ୍ଟର ସଚ୍ଚିଦାନନ୍ଦ ପଣ୍ଡା । ଆକର୍ଷଣୀୟ ଭାଷଣ ଦେଉଥିବା ପିଲାଟି ନିଜ ବିଦ୍ୟାଳୟର ଛାତ୍ର ହୋଇଥିବା ଜାଣିବା ପରେ ନିଜକୁ ଗୌରବାନ୍ୱିତ ମନେ କରୁଥିବା କହିଛନ୍ତି । କାର୍ଯ୍ୟକ୍ରମ ପରେ ସେ ସିଦ୍ଧାର୍ଥଙ୍କୁ ଭେଟି ପ୍ରଶଂଶା କରିବା ସହ ତାଙ୍କ ସହ ଫଟୋ ଉଠାଇଛନ୍ତି । ଓଡ଼ିଆ ଭାଷା ପ୍ରତି ରୁଚି ରଖୁଥିବା ସିଦ୍ଧାର୍ଥ ଆଗକୁ ଜଣେ ପ୍ରଶାସନିକ ଅଧିକାରୀ ହେବା ପାଇଁ ଆଶା ରଖିଥିବା ପ୍ରକାଶ କରିଛନ୍ତି ।



## ● ‘ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ରେ ଜନସମାଗମ

# ଅସ୍ଥାୟୀ ସଂଗ୍ରହାଳୟ ଓ ପ୍ରଦର୍ଶନୀ ହଲ୍‌ରେ ଭିଡ଼

**ଭୁବନେଶ୍ୱର, ୬ ।୨(ସମିସ):** ଭାଷା ପ୍ରତି ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ର ଅବଧିକୁ ୩ଦିନ ବଢ଼ାଇଛନ୍ତି । ଜନତା ମଇଦାନରେ ଚାଲିଥିବା ଏହି ଭାଷା ମହାକୁମ୍ଭ ସୋମବାର ଠାରୁ ଉଦ୍‌ଯାପିତ ହୋଇଥିଲେ ମଧ ପୂର୍ବ ପରି ଜନସମାଗମ ଜାରି ରହିଛି । ବିଶେଷ କରି ଅସ୍ଥାୟୀ ସଂଗ୍ରହାଳୟ ଓ ପ୍ରଦର୍ଶନୀ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ସରକାରଙ୍କ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା କରାଯିବା ସହ ପ୍ରଚାରପତ୍ର ବଣ୍ଟା ଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ମତ୍ସ୍ୟ ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ବହୁ ବିଭାଗର ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି । ଏହା ସହ ‘ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ର ସ୍ୱତନ୍ତ୍ର ଲଫାପା ଏବଂ ଧଉଳି ଶାନ୍ତିସ୍ତୂପ ଥିବା ସ୍ମାରକୀ ପ୍ରଦାନ କରାଯାଉଛି । ଏହାକୁ ନେବା ପାଇଁ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି ।

# ଗ୍ଲୋବାଲ୍ ସ୍ପିରିଚୁଆଲ୍ ମିଶନର ଆଲୋଚନାଚକ୍ର

**ଭୁବନେଶ୍ୱର, ୬।୨(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାକ୍ତନ ଅଧିକାରୀମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ୍ ସ୍ପିରିଚୁଆଲ୍ ମିଶନର ମାସିକ ଆଲୋଚନାଚକ୍ର ରାମକୃଷ୍ଣ ମଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକା ଡକ୍ଟର ଆରତି କର ଯୋଗଦେଇ ରାମାୟଣର ବିଭିନ୍ନ କାଣ୍ଡ ଉପରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ ରାମାୟଣ ୧୨ହଜାର ବର୍ଷ ତଳେ ରଚିତ ହୋଇଥିଲେ ମଧ ଏହା ସବୁ କାଳରେ ମାନବ ସମାଜ ପାଇଁ ଦିଗ୍‌ଦର୍ଶନ ଦେଉଛି । ଏଥିରେ ତ୍ୟାଗର ପ୍ରତୀକ ଭାବେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ ଦର୍ଶାଯାଇଛି ବୋଲି ମତପ୍ରକାଶ ପାଇଥିଲା । ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌ସ ଏନ୍‌ଏସ୍‌ଏସ୍ ଡେସ୍କ ପକ୍ଷରୁ ସିପିଆର୍ ତାଲିମ

## ୧୦ ଜିଲ୍ଲାରୁ ସାମିଲ ହେଲେ ଦୁଇ ଶହ ମହିଳା ସ୍ୱେଚ୍ଛାସେବୀ

**ଭୁବନେଶ୍ୱର, ୬।୨ (ସମିସ):** ସମଗ୍ର ଦେଶରେ ସିପିଆର୍ (କାର୍ଡିଓ-ପଲ୍‌ମୁନାରୀ ରିସ୍ୟୁସିଟେସନ୍) ତାଲିମ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏହି କ୍ରମରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ରାଜ୍ୟର ୧୦ ଆକାଂକ୍ଷୀ ଜିଲ୍ଲାର ୨ଶହରୁ ଅଧିକ ମହିଳା ଏନ୍‌ଏସ୍‌ଏସ୍ (ଜାତୀୟ ସେବା ଯୋଜନା) ସ୍ୱେଚ୍ଛାସେବୀଙ୍କୁ ଏହି ତାଲିମ ପ୍ରଦାନ ନିମନ୍ତେ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏମ୍‌ସ ଭୁବନେଶ୍ୱର ଏବଂ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ସମାନତା ଓ ସୁସ୍ଥତା ନିମନ୍ତେ ମହିଳା ସ୍ୱେଚ୍ଛାସେବୀଙ୍କୁ ସଶକ୍ତ କରିବା ଶୀର୍ଷକ ତିନିଦିନିଆ କର୍ମଶାଳାକୁ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଓ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦଘାଟନ କରିଥିଲେ । ହୃଦ୍‌ଘାତଜନିତ ସମସ୍ୟା ସହିତ ଲଢେଇ କରିବାକୁ ହେଲେ ସରଳ ସିପିଆର କୌଶଳ ତାଲିମ ପ୍ରଦାନ ଆଜିର ସମୟର ବଡ଼ ଆହ୍ୱାନ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଛନ୍ତି । ଏହି କର୍ମଶାଳାରେ ସୁସ୍ଥ ଜୀବନଶୈଳୀ, ମାସିକ ଋତୁସ୍ରାବ ଜନିତ ସମସ୍ୟା, ଉଚ୍ଚ ରକ୍ତଚାପ, ମଧୁମେହ, ଅସନ୍ତୁଳିତ ଜୀବନଶୈଳୀ ଜନିତ ସମସ୍ୟା ଆଦି ସମ୍ପର୍କରେ ବିଶେଷ ତାଲିମ ପ୍ରଦାନ କରାଯିବ । ଯାହାକି ବେଶ୍ ଲାଭଦାୟୀ ହୋଇପାରିବ ବୋଲି ଡ. ବିଶ୍ୱାସ



ଆଶାବ୍ୟକ୍ତ କରିଛନ୍ତି । ଯାହାକି ସେମାନଙ୍କୁ ଆତ୍ମବିଶ୍ୱାସୀ କରିବ ବୋଲି ବିଶିଷ୍ଟ ସମାଜସେବୀ ତୁଳସୀ ମୁଣ୍ଡା ପ୍ରକାଶ କରିଛନ୍ତି । ଏହି କର୍ମଶାଳାରେ କୋରାପୁଟ, କଳାହାଣ୍ଡି, ମୟୂରଭଞ୍ଜ, ରାୟଗଡ଼ା, ମାଲକାନଗିରି, ବଲାଙ୍ଗୀର, ସୁବର୍ଣ୍ଣପୁର, ନବରଙ୍ଗପୁର ଭଳି ୧୦ଟି ଆକାଂକ୍ଷୀ ଜିଲ୍ଲାର ୨ଶହରୁ ଅଧିକ ଏନଏସଏସ ମହିଳା ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଛନ୍ତି । ଆଜି ଆରମ୍ଭ ହୋଇଥିବା କର୍ମଶାଳା ଚଳିତ ମାସ ୮ ପର୍ଯ୍ୟନ୍ତ ଚାଲିବ । ଉଲ୍ଲେଖଯୋଗ୍ୟ ଯେ, ଏମ୍‌ସ ଭୁବନେଶ୍ୱର ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଏଯାବତ ସମାଜର ବିଭିନ୍ନ ବର୍ଗରୁ ୧୦ ହଜାରରୁ ଅଧିକ ଲୋକଙ୍କୁ ସିପିଆର୍ ତାଲିମ ପ୍ରଦାନ କରାଗଲାଣି ।

# କିମ୍‌ସ ଡାକ୍ତରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

**ଭୁବନେଶ୍ୱର, ୬।୨(ସମିସ):** କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ)ର ବିଶିଷ୍ଟ ଚର୍ମରୋଗ ବିଶେଷଜ୍ଞ ଡ. ହେମନ୍ତ କୁମାର କରଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନଜନକ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । କୁଷ୍ଠ ରୋଗ ଚିକିତ୍ସା କ୍ଷେତ୍ରରେ ଅବଦାନ ଏବଂ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ପାଇଁ ତାଙ୍କୁ କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୬।୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ସୁଶୀଲ ପଟ୍ଟନାୟକ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ରେଡ୍‌କ୍ରସ୍ ଦ୍ୱାରା ଏହି ଶିବିରରୁ ୬୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ସନ୍ଦୀପ କୁମାର ରାଉତ, ଜବାହର ମିଶ୍ର ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଶତାଧିକ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

# ‘ନୃତ୍ୟନିପୁଣା’ର ସାଂସ୍କୃତିକ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୬।୨(ସମିସ):** ଭୁବେଶ୍ୱରର ଏକାମ୍ର ହାଟଠାରେ ଚାଲିଥିବା ଏକାମ୍ର ଉତ୍ସବରେ ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟାନୁଷ୍ଠାନ ‘ନୃତ୍ୟନିପୁଣା’ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି । ଉତ୍ସବର ତୃତୀୟ ସନ୍ଧ୍ୟାରେ ୩ନମ୍ବର ମଞ୍ଚରେ ଅନୁଷ୍ଠାନର ମୁଖ୍ୟ ପ୍ରତିମା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ବେଶ୍ ପ୍ରଶଂସିତ ହୋଇଥିଲା । ଅନୁଷ୍ଠାନର ଗୁରୁ ଡକ୍ଟର ପ୍ରିୟଙ୍କା ମିଶ୍ରଙ୍କ ଦ୍ୱାରା ପ୍ରଶିକ୍ଷିତ ନୃତ୍ୟଶିଳ୍ପୀ ଅର୍ଚ୍ଚିତା, ଲିପ୍ସା, ସୁହାନି, ଆଶ୍ରୀୟା, ଅଂଶିତା, ଓଷ୍ଟି, ନିଶା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ ।

# ନିଖିଳ ଓଡ଼ିଶା ଆଇଟିଆଇ ଓ ପଲିଟେକନିକ୍ ସ୍ପୋର୍ଟ ମିଟ୍

**ଭୁବନେଶ୍ୱର, ୬।୨ (ସମିସ):** ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ଆଇଟିଆଇ ଓ ପଲିଟେକନିକ୍ ପ୍ରଶିକ୍ଷାର୍ଥୀଙ୍କ ମନରେ କ୍ରୀଡ଼ା ମନୋଭାବ ସୃଷ୍ଟି କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଦର୍ଶନ ଲାଗି ସରକାରଙ୍କ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଏକ ୪ ଦିନିଆ ପଲିଟେକ୍ନିକ ଓ ଆଇଟିଆଇ ଫେଷ୍ଟ-୨୦୨୩ ଶୀର୍ଷକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହର ଆୟୋଜନ କରାଯାଇଛି । ଏଥିରେ ସମଗ୍ର ଓଡ଼ିଶାରୁ ୨୭୪୫ ଜଣ ଛାତ୍ରଛାତ୍ରୀ ୨୮ ଟି କ୍ରୀଡ଼ା ଓ ୨୪ଟି ସାଂସ୍କୃତିକ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ପଲିଟେକ୍ନିକ୍‌ର ୬ଟି ଏବଂ ଆଇଟିଆଇର ୧୧ଟି ଜୋନ୍‌ରୁ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ଭୁବନେଶ୍ୱରର ୪ଟି ସ୍ଥାନରେ ଏହି କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ୪ ଦିନ ଧରି ଚାଲିବ ଓ ଫେବୃଆରୀ ୮ରେ ଉଦ୍‌ଯାପିତ ହେବ । ଏହି ପ୍ରତିଯୋଗିତାକୁ ଏସ୍‌ଡି ଆଣ୍ଡ ଟିଇ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସିଆର୍‌ପି ଛକରେ ଖୋଲିଲା ଇ-ଟଏଲେଟ୍

**ଭୁବନେଶ୍ୱର, ୬ ।୨(ସମିସ):** ସିଆର୍‌ପି ଛକସ୍ଥିତ ମୋ’ ବସ୍ ଷ୍ଟାଣ୍ଡ ନିକଟରେ ବିଏମ୍‌ସି ପକ୍ଷରୁ ମଙ୍ଗଳବାର ଏକ ଦେୟମୁକ୍ତ ଇ-ଟଏଲେଟ୍ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମିଶାଇ ବିଏମ୍‌ସି ଅଞ୍ଚଳରେ ମୋଟ ୫୦ଟି ଟଏଲେଟ ନିର୍ମାଣ ହୋଇଛି । ବିଏମ୍‌ସିକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି । ଏହାସହ ବିଭିନ୍ନ ସ୍ଥାନରେ ଗୋଷ୍ଠୀ ଶୌଚାଳୟ, ସର୍ବସାଧାରଣ ଶୌଚାଳୟ ଆଦି ନିର୍ମାଣ କରାଯାଇଛି । ଯେଉଁସ୍ଥାନରେ ଦୈନିକ ଲୋକମାନଙ୍କ ଅଧିକ ଯାତୟାତ ହେଉଛି, ସେ ସ୍ଥାନରେ ପାଇଖାନା ନିର୍ମାଣ କରାଯାଇଛି । ପ୍ରତ୍ୟେକ ବିଜୁ ଆଦର୍ଶ କଲୋନୀବାସୀଙ୍କୁ ମଧ ପାଇଖାନା ଯୋଗାଇ ଦିଆଯାଉଛି । ଏହା ବାଦ କେତେକ ବିଜୁ ଆଦର୍ଶ କଲୋନୀରେ ମଧ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି । ପୂର୍ବରୁ ଲୋକମାନେ ଯେପରି ରାସ୍ତା କଡ଼, ଖୋଲା ପଡ଼ିଆ ଆଦିରେ ମଳତ୍ୟାଗ କରୁଥିଲେ, ଏବେ ଚାରିଆଡ଼େ ପାଇଖାନା ହୋଇଯିବାରୁ ଲୋକମାନେ ସେଥିରୁ ନିବୃତ୍ତ ରହୁଛନ୍ତି । ସେହିପରି ବିଭିନ୍ନ ଦାବି ନେଇ ଗଣ ଆନ୍ଦୋଳନକୁ ଆସୁଥିବା ହାଜର ହଜାର ଲୋକଙ୍କ ପାଇଁ ଭ୍ରାମ୍ୟମାଣ




ପାଇଖାନା ମଧ କରାଯାଇଛି । ବିଏମ୍‌ସି ଅଞ୍ଚଳରେ ମୋଟ ୫୦ଟି ଇ-ଟଏଲେଟ କରାଯାଇଛି । ସେହି ୫୦ଟି ଇ-ଟଏଲେଟ ମଧ୍ୟରୁ ୬ଟି ନିର୍ମାଣାଧୀନ ଥିବାବେଳେ ଅନ୍ୟ ୨ଟି ମରାମତି ହେଉଛି । ଏହି ନବନିର୍ମିତ ୨ଟି ଟଏଲେଟ୍‌କୁ ମିଶାଇ ୪୨ଟି ଇ ଟଏଲେଟ କାର୍ଯ୍ୟ କରୁଛି । ସହରରେ ଥିବା ସମସ୍ତ ପାଇଖାନାରେ ଏକ ସମୟରେ ୨ ହଜାରରୁ ଅଧିକ ଲୋକ ଶୌଚ ହୋଇପାରିବେ । ମେୟର ସୁଲୋଚନା ଦାସ ଏହାକୁ ଇ-ଟଏଲେଟ୍‌କୁ ଉଦ୍‌ଘାଟନ କରି କହିଲେ, ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକମାନେ ଏହାକୁ ବ୍ୟବହାର କରିପାରିବେ । ଏହାର ଯତ୍ନ ଓ ସୁରକ୍ଷା ଲୋକମାନଙ୍କର । ଏହାକୁ ସଫା ସୁତରା ରଖିବା ସହ ସଠିକ ବ୍ୟବହାର କରିବାକୁ ସ୍ଥାନୀୟ ଲୋକଙ୍କୁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ, ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ, କର୍ପୋରେଟର ପିଙ୍କି ସ୍ୱାଇଁ, ମାନସୀ ସୁନ୍ଦରାୟ, ଡେପୁଟି କମିସନର ଡ. ମନୋରଞ୍ଜନ ସାହୁ, ଜୋନାଲ ଡେପୁଟି କମିସନର ରୋଶନ ଶତପଥୀ, ଡେପୁଟି କମିସନର କାଜଲ ପ୍ରଧାନଙ୍କ ସମେତ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ ।

# ମହାମନୀଷୀଙ୍କ ସ୍ମୃତି ବଖାଣୁଛି ଗାନ୍ଧୀ ଗ୍ୟାଲେରୀ

**ଭୁବନେଶ୍ୱର, ୬ ।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ରାଜ୍ୟ ସଂଗ୍ରାହଳୟରେ ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ବର୍ତ୍ତମାନ ସୁଦ୍ଧା ୮୩ଲକ୍ଷ ୨୭ହଜାର ୯୩ଟଙ୍କା ବ୍ୟୟ ହୋଇଛି । ଏହି ଗ୍ୟାଲେରୀରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ସହ ଗାନ୍ଧୀଜୀଙ୍କ ଓଡ଼ିଶାର ଆଗମନର ମୁରାଲ ପେଣ୍ଟିଙ୍ଗ କରାଯାଇ ଗାନ୍ଧିଜୀଙ୍କ ସମେତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ମହାପୁରୁଷମାନଙ୍କ ପ୍ରତିଛବି ପ୍ରଦର୍ଶିତ କରାଯାଇଛି । ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ୨୦୨୧ ମସିହାରେ ସେପ୍ଟେମ୍ବର ୬ରେ ପ୍ରଥମେ ଇନ୍‌ଟାକ୍ ନାମକ ସଂସ୍ଥାକୁ ୧କୋଟି ୪୧ଲକ୍ଷ ୫୧ହଜାର ୮୮୦ଟଙ୍କା ବ୍ୟୟରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ସଂଶୋଧିତ କରାଯାଇ ୧କୋଟି ୨୫ଲକ୍ଷ ୩୮ହଜାର ୮୦୬ଟଙ୍କା ବ୍ୟୟ ବରାଦ କରାଯାଇଛି । ବିଧାୟିକା କୁସୁମ ଟେଟେଙ୍କ ଅଣତାରକା ପ୍ରଶ୍ନ ଓଡ଼ିଶା ରାଜ୍ୟ ସଂଗ୍ରାହଳୟ ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ସମ୍ପର୍କିତ ପ୍ରଶ୍ନରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଧାନସଭା ଚଳିତ ଅଧିବେଶନରେ ଏହି ଉତ୍ତର ରଖିଛନ୍ତି ।

# ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର, ୬।୨(ସମିସ):** ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଥିତଯଶା ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ବୟନିକାର ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ମେହେର ଶୋକ ପ୍ରକାଶ କରିଛନ୍ତି । ବୌଦ୍ଧ ଜିଲ୍ଲାର ଅଖ୍ୟାତ ଗୁଡ଼ଭେଲିପଦର ଗ୍ରାମରେ ୪୦ ଦଶକରେ ଏକ ବୁଣାକାର (ମେହେର) ପରିବାରରେ ଜନ୍ମଗ୍ରହଣ କରିଥିଲେ । ନିଜସ୍ୱ ଉଦ୍ୟମ, ଆନ୍ତରିକ ନିଷ୍ଠା, ଚଳଚ୍ଚିତ୍ର ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ସେ ସବୁ ଘାତ ପ୍ରତିଘାତକୁ ଅତିକ୍ରମ କରି ମାୟା ନଗରୀ ମୁମ୍ବାଇରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ । ତାଙ୍କର ନିଖୁଣ ଅଭିନୟ ଭାରତୀୟ ସିନେ ଦର୍ଶକଙ୍କୁ ଅଭିଭୂତ କରି ଦେଇଥିଲେ । ସାଧୁବାବୁ ହିନ୍ଦୀ ଚଳଚ୍ଚିତ୍ରରେ ମୁମ୍ବାଇରେ ଓଡ଼ିଆମାନଙ୍କ ପ୍ରତିନିଧିତ୍ୱ କରୁଥିଲେ । ତାଙ୍କର ବିୟୋଗ ଭାରତର ସାଂସ୍କୃତିକ ଓ ସିନେ ଜଗତ ପାଇଁ ଅପୂରଣୀୟ କ୍ଷତି । ବୁଣାକାର (ମେହେର) ସମାଜର ସେ ମଣି ସଦୃଶ ଥିଲେ । ଏହି ଅପୂରଣୀୟ କ୍ଷତି ସହିବାକୁ ତାଙ୍କ ପରିବାରବର୍ଗଙ୍କୁ ଜଗତର ନାଥ ଜଗନ୍ନାଥ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି କହିଥିଲେ ।

# ଭୁବନେଶ୍ୱର ସିଟି



● ଶିଶୁ ଅନନ୍ତ ମହାବିଦ୍ୟାଳୟ

## ନବୀକରଣ ପ୍ରକଳ୍ପର ଶୁଭଦେଲେ ବିଧାୟକ

**ବାଲିପାଟଣା, ୬।୨(ସମିସ):** ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟ ନବୀକରଣ ପ୍ରକଳ୍ପ କାର୍ଯ୍ୟର ଶୁଭଦେଇଛନ୍ତି ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲି। ପ୍ରକଳ୍ପ ଅଧୀନରେ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସହିତ ପୁରାତନ ଗୃହ ମରାମତି କାର୍ଯ୍ୟ କରାଯିବ। ଏଥି ପାଇଁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଦୁଇ କୋଟି ପଚାଶ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସୋମବାର ପୂର୍ବାହ୍ନରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଏହି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ତୁରନ୍ତ କାର୍ଯ୍ୟ ସମାପ୍ତ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ନିମାଇଁ ଚରଣ ଜେନା, ଅଧ୍ୟାପିକା ମଧୁମତି ରଥ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ନବଘନ ବେହେରା, ଠିକାଦାର ଦୀପ୍ତିରଞ୍ଜନ ବଳିଆରସିଂହ, ସଂଘ ସଭାପତି ବିଶ୍ୱମୋହନ ପାତ୍ର, ବିଧାୟକଙ୍କ ପ୍ରତିନିଧି କୈଳାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମୁଖ୍ୟ ରାସ୍ତାର ଭୂମିପୂଜନ

**ଭୁବନେଶ୍ୱର, ୬।୨(ସମିସ):** ବିଏମ୍‌ସିର ୩୭ନମ୍ବର ୱାର୍ଡ ଅନ୍ତର୍ଗତ ତିନୋଟି ମୁଖ୍ୟ ରାସ୍ତାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ରାସ୍ତା ଗୁଡ଼ିକ ହେଉଛି, କାଞ୍ଚନଭିଲ୍ଲା ଆପାର୍ଟମେଣ୍ଟ ଠାରୁ ବେହେରା ସାହି ଛକ, ମହିମା ଆଶ୍ରମଠାରୁ ଇଶା ଆପାର୍ଟମେଣ୍ଟ, ବେହେରାସାହିଛକଠାରୁଭୋଇସାହି୧୬ନମ୍ବରଜାତୀୟରାଜପଥପର୍ଯ୍ୟନ୍ତରାସ୍ତା। ଏହି ତିନୋଟି ରାସ୍ତା ପାଇଁ ୭କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କାର୍ଯ୍ୟକ୍ରମେରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପବ୍ଲିକ ୱାର୍କସ୍ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ଅମରେଶ ଜେନା, କର୍ପୋରେଟର ବନ୍ଦିତା ପାଲ୍, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅର୍ଜୁନ ବେହେରାଙ୍କ ସମେତ ୱାର୍ଡର ବରିଷ୍ଠ ନାଗରିକ, ମହିଳାମାନେ ଉପସ୍ଥିତ ଥିଲେ।

## ଲଲାଟେନ୍ଦୁ ଓ ନିବେଦିତାଙ୍କୁ ଅଜୟ ଉତ୍ସବ ସମ୍ମାନ

**ଭୁବନେଶ୍ୱର, ୬।୨(ସମିସ):** ପ୍ରତିବର୍ଷ ବସନ୍ତ ପଞ୍ଚମୀରେ ଆୟୋଜିତ ହୋଇଆସୁଥିବା ଅଜୟ ଉତ୍ସବ ଆସନ୍ତା ୧୪ରେ ଆୟୋଜିତ ହେବାକୁ ଯାଉଛି। ସାହିତ୍ୟ, ପୁରସ୍କାର, ମନୋରଞ୍ଜନର ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ସାହିତ୍ୟିକ, ସଙ୍ଗୀତଜ୍ଞ, ବୁଦ୍ଧିଜୀବୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୫ମ ଅଜୟ ଉତ୍ସବ ୨୦୨୪ ସାହିତ୍ୟ ସମ୍ମାନ ଗାଳ୍ପିକ ଡ. ଲଲାଟେନ୍ଦୁ ସାହୁ ଓ କବିତା ସମ୍ମାନ କବି ନିବେଦିତା ପଟ୍ଟନାୟକଙ୍କୁ ମିଳିବ ବୋଲି ଅଜୟ ଟ୍ରଷ୍ଟର ଅଧ୍ୟକ୍ଷା ସାବିତ୍ରୀ ସାହୁ, ସଭାପତି ଅଶୋକ ପୁହାଣ ଓ ସମ୍ପାଦକ ଅକ୍ଷୟ ସ୍ୱାଇଁଙ୍କ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଘୋଷଣା କରାଯାଇଛି।

## 'ମଦଦ୍' ଅଭିଯାନରେ ସିନେ ଅଭିନେତା

**ଭୁବନେଶ୍ୱର, ୬।୨(ସମିସ):** ସାମାଜିକ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ପକ୍ଷରୁ ଜାରି ରହିଥିବା ମଦଦ୍ ଅଭିଯାନରେ ସାମିଲ୍ ହୋଇଛନ୍ତି ଅଭିନେତା ତଥା ସମାଜସେବୀ ଓ କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କର। ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ଏହି ସମାଜରେ ଜଣେ ଅନ୍ୟ ଜଣର ସୁଖ ଦୁଃଖର ସାଥୀ ହୋଇ ସୁସ୍ଥ ସମାଜ ଗଠନ କରିବା ନିହାତି ଆବଶ୍ୟକ। ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି କରିବା ପାଇଁ 'ମଦଦ୍' ଅଭିଯାନ ଆରମ୍ଭ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ବସ୍ତିମାନଙ୍କରେ ଶିକ୍ଷାଦାନ କାର୍ଯ୍ୟକ୍ରମ 'ଆସ ପଢ଼ିବା ସମାଜ ଗଢ଼ିବା' କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ ଆର୍ଥିକ ସାହାଯ୍ୟ ଅନୁଷ୍ଠାନର କୋଷାଧ୍ୟକ୍ଷ ମିର୍ ମେହେଫୁଜ୍ ଅଲ୍ଲୀଙ୍କୁ ପ୍ରଦାନ କରିଛନ୍ତି।

## କର୍କଟ ସଚେତନତା ପାଇଁ ପଦଯାତ୍ରା

**ଭୁବନେଶ୍ୱର, ୬।୨(ସମିସ):** ବିଶ୍ୱ କର୍କଟ ଦିବସ ପାଳନ ଅବସରରେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ) କ୍ୟାନସର୍ ହସ୍ପିଟାଲ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ପଦଯାତ୍ରା କିମ୍‌ସ କ୍ୟାନସର୍ ହସ୍ପିଟାଲରୁ ବାହାରି ପଟିଆ ଛକ ପର୍ଯ୍ୟନ୍ତ ଯାଇଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କିମ୍‌ସର ଛାତ୍ରଛାତ୍ରୀ ନୀଳାଦ୍ରିବିହାରସ୍ଥିତ ଓମ୍‌ଫେଡ୍ ବସ୍ତିରେ ପଥପ୍ରାନ୍ତ ନାଟକ ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନ କରାଇଥିଲେ। ବସ୍ତିରେ ଘର ଘର ବୁଲି ଲୋକମାନଙ୍କୁ କ୍ୟାନସର୍‌ର କାରଣ ଓ ନିରାକରଣ ବିଷୟରେ କହିବା ସହ କ୍ୟାନସର ରୋଗୀଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବକୁ ଦୂର କରିବା ପାଇଁ ଲୋକମାନଙ୍କୁ ବୁଝାଇଥିଲେ। ଚଳିତବର୍ଷର ବିଷୟବସ୍ତୁ ରହିଛି 'କ୍ଲୋଜ୍ ଦ କେୟାର ଗ୍ୟାପ୍'। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ କିମ୍‌ସ କ୍ୟାନସର ହସ୍ପିଟାଲର ଆସୋସିଏଟ୍ ପ୍ରଫେସର ଡ. ଯୋଗମାୟା ପଟ୍ଟନାୟକ କର୍କଟ ରୋଗ ବିରୋଧରେ ଲଢ଼େଇରେ ସାମୂହିକ ସମ୍ପୃକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସିନିୟର କନ୍‌ସଲଟାଣ୍ଟ, ସର୍ଜିକାଲ ଅଙ୍କୋଲୋଜି ଡ.ସବ୍ୟସାଚୀ ପରିଡ଼ା, ଡ. ସଚିନ୍ ବିଶ୍ୱାଳ ଏବଂ କ୍ୟାନସର୍ ହସ୍ପିଟାଲର ଅନ୍ୟ ପ୍ରମୁଖ ଡାକ୍ତରମାନେ ଉପସ୍ଥିତ ରହି କ୍ୟାନସର୍ ରୋଗ ବିଷୟରେ ସଚେତନ କରାଇଥିଲେ।

## ବିଜୁବାବୁଙ୍କୁ 'ଭାରତରତ୍ନ' ପାଇଁ ଦାବି

**ଭୁବନେଶ୍ୱର, ୬।୨(ସମିସ):** ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ କରିବା ପାଇଁ ଦାବି କରିଛି ନିଖିଳ ଓଡ଼ିଶା ପାଇକ ମହାସଂଘ। ସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ କହିଛନ୍ତି ବିଜୁବାବୁ ଖାଲି ଜଣେ ମୁଖ୍ୟମନ୍ତ୍ରୀ ନ ଥିଲେ ଯାହାଙ୍କ ନିଧନରେ 'ଇଣ୍ଡୋନେସିଆ'ର ୨୧ଦିନ ଶୋକ ପାଳନ କରିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ 'ଭାରତରମ୍' ନ ମିଳିବା ଏକ ହୀନମନ୍ୟତାର ପରିଚୟ ବୋଲି କହି ନିଖିଳ ଓଡ଼ିଶା ପାଇକ ମହାସଂଘ ତୀବ୍ର ନିନ୍ଦା କରିବା ସହିତ କେନ୍ଦ୍ର ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଜୁ ବାବୁଙ୍କୁ ଭାରତରତ୍‌ଠମ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଯୋଜକ ତଥା ପାଇକଗୁରୁ କେଦାର ଦାସ, ସାଧାରଣ ସମ୍ପାଦକ ପ୍ରଫେସର ଡ. ଗାୟନ ସାମଲ ପ୍ରମୁଖ ଏହି ଦାବି କରିଛନ୍ତି।

## ଲିଟିଲ୍ ଷ୍ଟାର୍ ସ୍କୁଲର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୬।୨(ସମିସ):** ବରମୁଣ୍ଡାସ୍ଥିତ ଲିଟିଲ୍ ଷ୍ଟାର୍ ସ୍କୁଲର ୨୭ତମ ବାର୍ଷିକ ଉତ୍ସବ ବରମୁଣ୍ଡା ରୁଚିକା ମାର୍କେଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ପଞ୍ଚାନନ କାନୁନ୍‌ଗୋ, ବ୍ରହ୍ମକୁମାରୀ କଳ୍ପନା, ସ୍କୁଲ୍ ହେଲ୍‌ଥ ଆଣ୍ଡ ୱେଲନେସ୍ ପ୍ରୋଗ୍ରାମର ରାଜ୍ୟ ଉପଦେଷ୍ଟା ଡ. ସୂର୍ଯ୍ୟପ୍ରକାଶ ଦାସ, ଅମ୍ବିକା ପ୍ରସାଦ ଦାସ, କର୍ପୋରେଟର ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷା ଦେବଜାନୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ସ୍କୁଲର ପ୍ରତିଷ୍ଠାତ୍ରୀ ସ୍ୱର୍ଗତ ନମିତା ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଦୀପକ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୩ରୁ ଅନ୍ତର୍ଜାତୀୟ ରେଡିଓ ମେଳା

**ଭୁବନେଶ୍ୱର, ୬।୨(ସମିସ):** ଆସନ୍ତା ୧୩ରୁ ୧୪ ତାରିଖ ଦଶମ ଆଉଟରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳା ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ଏହି ମେଳାରେ ଦେଶର ଅନେକ ରେଡିଓ ପ୍ରସାରକ ଓ ରେଡିଓ ଷ୍ଟେସନ ଯୋଗ ଦେବା ସହ ପ୍ରସାରଣ କ୍ଷେତ୍ରରେ ଉତ୍କର୍ଷ ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯିବ।




### ଶଙ୍କର୍ଷଣ ମଙ୍ଗରାଜଙ୍କୁ ମିଳିବ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

### ରେଡିଓ ଜକି ହେବାର ନୂଆ ସୁଯୋଗ ଦେବ ମେଗା ଆର୍‌ଜେ ହଣ୍ଟ

ମେଳାରେ ୩ ହଜାରରୁ ଅଧିକ ପ୍ରକାର ପୁରୁଣା ରେଡ଼ିଓ, ପ୍ରସାରଣ ସାମଗ୍ରୀ, ହାମ୍ ରେଡ଼ିଓ ଓ ଗ୍ରାମୋଫୋନ୍ ପ୍ରଦର୍ଶନ କରାଯିବ ବୋଲି ମଙ୍ଗଳବାର ଆଉଟରିଚ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଉଟରିଚ୍ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି। ଏହା ଏସିଆ ମହାଦେଶର ଏକମାତ୍ର ରେଡ଼ିଓ ମେଳା। ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ହାମ୍ ରେଡ଼ିଓ ସଂସ୍ଥା ଯୋଗ ଦେବେ। ଏହାଛଡ଼ା ରାଜ୍ୟର ଅନେକ କମ୍ୟୁନିଟି ରେଡିଓ ଷ୍ଟେସନ୍ ମଧ୍ୟ ମେଳାରେ ସାମିଲ ହେବେ। ରେଡିଓ ଜକି ହେବା ପାଇଁ ଏହି ମେଳାରେ ୪୦ ଜଣଙ୍କୁ ସୁଯୋଗ ମିଳିପାରିବ। ଯୋଗ୍ୟ ପ୍ରାର୍ଥୀ କମ୍ୟୁନିଟି ରେଡ଼ିଓ, ପ୍ରାଇଭେଟ୍ ଏଫ୍‌ଏମ୍ ବା ଅନ୍‌ଲାଇନ୍ ରେଡ଼ିଓରେ ଚାକିରି ପାଇଁ ସୁଯୋଗ ପାଇପାରିବେ। ୨୦ରୁ ଅଧିକ ଷ୍ଟେସନର ଅଧିକାରୀ ଯୋଗ ଦେଇ ନିଜ ଚ୍ୟାନେଲ ପାଇଁ ଆର୍‌ଜେ ଚୟନ କରିପାରିବେ। ସେହିପରି ମେଳାରେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ୍ ଏବଂ ସ୍ପଟ୍ ପଞ୍ଜୀକରଣ କରିପାରିବେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ସମ୍ବାଦ ଉପସ୍ଥାପକ ମନୋଜ ମହାପାତ୍ରଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ', ରେଡିଓ ଉପସ୍ଥାପକ ଶଙ୍କର୍ଷଣ ମଙ୍ଗରାଜଙ୍କୁ 'ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯିବ। ସେହିପରି ତାମିଲନାଡୁର ହୋଲି କ୍ରସ୍ କମ୍ୟୁନିଟି ରେଡ଼ିଓକୁ ଚଳିତବର୍ଷ ଶ୍ରେଷ୍ଠ କମ୍ୟୁନିଟି ରେଡ଼ିଓ ଭାବରେ ସମ୍ମାନିତ କରାଯିବ। ବିହାରର ରାମବିଲାସ ପ୍ରସାଦଙ୍କୁ ଶ୍ରେଷ୍ଠ ରେଡ଼ିଓ ଶ୍ରୋତା ଭାବରେ ସମ୍ମାନିତ କରାଯିବ ବୋଲି ମେଳାର ଆୟୋଜକ ସୁବ୍ରତ କୁମାର ପତି ସୂଚନା ଦେଇଛନ୍ତି। ସଂସ୍କୃତି ବିଭାଗ ସହାୟତାରେ ରେଡ଼ିଓ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ସାମ୍ବାଦିକଙ୍କୁ ପେନ୍‌ସନ୍ ଓ ସୁରକ୍ଷା ଆଇନ ଦାବି

**ଭୁବନେଶ୍ୱର,୬।୨ (ସମିସ):** ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାମ୍ବାଦିକମାନଙ୍କୁ ଅବସର ପରେ ପେନ୍‌ସନ ଯୋଗାଇଦେବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଲାଗି ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ଦାବି କରିଛି। ଏହି ମର୍ମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୟୁନିଅନ୍ ପକ୍ଷରୁ ଏକ ସ୍ମାରକ ପତ୍ର ଦିଆଯାଇଛି। ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଛନ୍ତି, ଇତି ମଧ୍ୟରେ ହରିୟଣା, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ତାମିଲନାଡୁ ଆଦି ଅନେକ ରାଜ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ଲାଗି ମାସିକ ପେନ୍‌ସନ ଯୋଜନା ଲାଗୁ କରିସାରିଛନ୍ତି। ପୂର୍ବରୁ ଏହାକୁ ଲାଗୁ କରିଥିବା କେତେକ ରାଜ୍ୟ ଏବେ ଏହାର ପରିମାଣକୁ ବଢ଼ାଇବାକୁ ଯାଉଛନ୍ତି। ସେହିପରି ମହାରାଷ୍ଟ୍ର ଓ ଛତିଶଗଡ଼ ଭଳି ରାଜ୍ୟ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରି ସାରିଥିବା ବେଳେ ଅନ୍ୟ କେତେକ ରାଜ୍ୟରେ ଏହା ବିଚାରାଧୀନ ରହିଛି। କୋଭିଡ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଳି ସାମ୍ବାଦିକଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଭାବେ ଘୋଷଣା କରିଥିଲେ ଓ କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ତାହା ବେଶ୍ ପ୍ରଶଂସନୀୟ। ସେହିଭଳି ଓୟୁଜେର ଦାବି କ୍ରମେ ସ୍ୱାସ୍ଥ୍ୟ ବୀମା ରାଶିକୁ ଦୁଇ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାକୁ ନେଇ ମଧ୍ୟ ୟୁନିଅନ୍ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି। ଏହି ପରିପ୍ରେକ୍ଷୀରେ ଅବସର ପରେ ଅସହାୟ ଅବସ୍ଥାର ସମ୍ମୁଖିନ ହେଉଥିବା ସାମ୍ବାଦିକମାନଙ୍କୁ ସାମାଜିକ ନିରାପତ୍ତା ବ୍ୟବସ୍ଥା ମଧ୍ୟକୁ ଆଣି ତୁରନ୍ତ ମାସିକ ଅନ୍ୟୁନ ୨୦ ହଜାର ଟଙ୍କାର ପେନସନ ଯୋଗାଇ ଦେବାକୁ ଓୟୁଜେ ଦାବି ରଖୁଛି। ଏହି ଦାବିକୁ ନେଇ ସାରା ରାଜ୍ୟରୁ ଓୟୁଜେର ଶାଖା ସଂଗଠନଗୁଡ଼ିକ ମଧ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ ବୋଲି ଓୟୁଜେ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ଜଣାଇଛନ୍ତି।



ରାଜଧାନୀର ଗାନ୍ଧୀ ମାର୍ଗ: ଦିନରେ ଗର୍ଜନ; ରାତିରେ ଶୂନ୍‌ଶାନ୍

## ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୨(ସମିସ):** ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ଼ କାର୍ଯ୍ୟାଳୟକୁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟ ବୋର୍ଡର ବିଭିନ୍ନ କାର୍ଯ୍ୟ ସୂଚାର ରୂପେ ସମ୍ପାଦନ କରିବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟର ମୋଟର ଯାନ ଚାଳକ ଓ କର୍ମଚାରୀମାନଙ୍କୁ ବିଭିନ୍ନ ସୁବିଧା ଦେବା ପାଇଁ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି କଲ୍ୟାଣ ବୋର୍ଡ ଜରିଆରେ ସେମାନେ କିପରି ସୁବିଧା ପାଇବେ, ସେଥିପାଇଁ ଏହି ନୂତନ ଭାବେ ଉଦଘାଟିତ କାର୍ଯ୍ୟାଳୟ ସୁବିଧାଜନକ ହେବ। ସଭ୍ୟମାନେ ସେମାନଙ୍କର ନାମ ପଞ୍ଜୀକରଣ କରିବା, ହିତାଧିକାରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ ପାଇଁ ଆବେଦନ ସଂଗ୍ରହ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ସେମାନଙ୍କର କାର୍ଯ୍ୟ ପରିଚାଳନା ଆଦିରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ପରେ ପରେ ମନ୍ତ୍ରୀ ଶ୍ରୀମତୀ ସାହୁ ବୋର୍ଡର ଅନୁଷ୍ଠିତ ଦ୍ୱିତୀୟ ବୈଠକରେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଭାଗୀୟ କମିଶନର ଅମିତାଭ ଠାକୁର, ବାଣିଜ୍ୟ ଓ ପରିବହନ ବିଭାଗର ଅଧିକାରୀ ଏବଂ ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଯୋଗଦେଇଥିବା ବିଭିନ୍ନ ମୋଟର ଯାନ ସଂଘର କର୍ମକର୍ତ୍ତା ତଥା ବୋର୍ଡର ସଦସ୍ୟମାନେ ଯୋଗଦେଇ ମୋଟର ଯାନ ଚାଳକ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୋର୍ଡର ପରିଚାଳନା ପାଇଁ ମନ୍ତ୍ରୀ ଶ୍ରୀମତୀ ସାହୁ ସମସ୍ତ ସଦସ୍ୟମାନଙ୍କର ସହଯୋଗ କାମନା କରିଥିଲେ।

## ୫ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ




**ହଂସପାଳ, ୬।୨(ସମିସ):** ଭୁବନେଶ୍ୱର ମହାନଗର ନିଗମର ୫ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଜେଡି ପକ୍ଷରୁ ଜନସମ୍ପର୍କ ଅଭିଯାନ କରାଯାଉଥିବାବେଳେ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ଯୁବ ନେତା ଅନୁପ ଖୁଣ୍ଟିଆଙ୍କ ନେତୃତ୍ୱରେ ହଜାରରୁ ଅଧିକ କର୍ମୀ ଓ ସମର୍ଥକ ସାମିଲ୍ ହୋଇ ଜନସାଧାରଣଙ୍କୁ ଭେଟିଥିଲେ। ଏହି ଅବସରରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଶ୍ରମ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପୂର୍ବତନ କର୍ପୋରେଟର ନିର୍ମଳ ରାଉତ, ନାରୀନେତ୍ରୀ କ୍ରିଷ୍ଣାପ୍ରିୟା ମିଶ୍ର ୱାର୍ଡର ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ପଦଯାତ୍ରା ଶ୍ରୀରାମନଗର ସାଇ ମନ୍ଦିରରୁ ବାହାରି ଚକେଇସିଆଣି, ସମେଇଗାଡ଼ିଆ, ମଞ୍ଚେଶ୍ୱର ଗ୍ରାମ ପରିକ୍ରମା କରି ମଞ୍ଚନାଥ ହାଇସ୍କୁଲ ଠାରେ ଶେଷ ହୋଇଥିଲା।

**ମାଣ୍ଡିଆର ପ୍ରଚାରପ୍ରସାର ପାଇଁ ପ୍ରୟାସ**

## ୟୁଏସ୍‌ର ସର୍ଗମ-ସୋଆ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୬।୨(ସମିସ):** ମାଣ୍ଡିଆ ସମ୍ପର୍କରେ ଅଧିକ ପ୍ରଚାରପ୍ରସାର ପାଇଁ ଇଣ୍ଡିଆ ମିଲେଟ୍ ଇନିସିଏଟିଭ୍, ୟୁଏସ୍‌ର ସର୍ଗମ୍ ୟୁନାଇଟେଡ୍ ଓ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ମଧ୍ୟରେ ମଙ୍ଗଳବାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ଫଳରେ ଭାରତରେ ମାଣ୍ଡିଆ ଜାତୀୟ କ୍ଷୁଦ୍ର ଶସ୍ୟ ଫସଲକୁ ପ୍ରୋତ୍ସାହନ ମିଳିବା ସହିତ ଆନ୍ତର୍ଜାତିକ ମାଣ୍ଡିଆ ଦଶନ୍ଧି (୨୦୨୪-୩୪)ର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମତ ବିନିମୟ, ଗବେଷଣା, ବାଣିଜ୍ୟ, ସରକାରୀ ଓ ବେସରକାରୀ ଉଦ୍ୟମ ମାଧ୍ୟମରେ ସମର୍ଥନ ମିଳିବ। ଓଡ଼ିଶାରେ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟକୁ ନେଇ ବିଭିନ୍ନ କାର୍ଯ୍ୟରେ ସହଯୋଗିତା ନିମନ୍ତେ ସୋଆର ସେଣ୍ଟର ଫର୍ କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍ଏ) ଠାରେ ଏକ ଇଣ୍ଡୋ-ୟୁଏସ୍ ମିଲେଟ୍ ଇନିସିଏଟିଭ୍ ଆରମ୍ଭ କରାଯିବ। ଏହି ଇଓଆଇରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆନ୍ତର୍ଜାତିକ ଏନ୍‌ଜିଓ ସର୍ଗମ୍ ୟୁନାଇଟେଡ୍‌ର ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ନେଟ୍ ବ୍ଲମ୍ ଏବଂ ଇଣ୍ଡିଆ ମିଲେଟ୍ ଇନିସିଏଟିଭ୍‌ର ଅଧ୍ୟକ୍ଷ ଡ. ସତ୍ୟେନ୍ ଯାଦବ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଉପଦେଷ୍ଟା ପ୍ରଫେସର ବି.କେ. ସାହୁ, ସିସିଏସ୍ଏର ନିର୍ଦ୍ଦେଶକ ପ୍ରଫେସର ଆର୍.କେ. ପଣ୍ଡା, ସିସିଏସ୍ଏର ପ୍ରଫେସର ଏମରିଟସ୍ ପ୍ରଫେସର ୟୁ.ସି. ମହାନ୍ତି, ଆଇଏଏସ୍‌ର ରିସର୍ଚ୍ଚ କୋର୍ଡିନେଟର ପ୍ରଫେସର ଜେ.ଏମ୍ ଗୁଲାଟି ପ୍ରମୁଖ ଉପସ୍ଥିତ ଥିଲେ।



## ବରିଷ୍ଠ ବିତର୍କ ପ୍ରତିଯୋଗିତାରେ ସୁଚିସ୍ମିତା ପ୍ରଥମ

**ଭୁବନେଶ୍ୱର, ୬।୨(ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ଜ୍ଞାନ ବୃଦ୍ଧି କରିବା ପାଇଁ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ବେଶ୍ ସହାୟକ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟା।ଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଜାଗ୍ରତ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ସିଆରପି ବରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସାହୁ ପ୍ରଥମ ହୋଇଛନ୍ତି। ସେହିପରି ଗୀତା ପାଠୋତ୍ସବରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ରିତୁପର୍ଣ୍ଣା ଭଞ୍ଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାବେଳେ ଆଗାମୀ ଦିନରେ ଆହୁରି ଅଧିକ ସଫଳତା ପାଇବାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ପଣ୍ଡା କହିଛନ୍ତି।

## ଲୋକକଳା ମାଧ୍ୟମରେ ସଚେତନତା

**ବାଲିଅନ୍ତା, ୬।୨(ସମିସ):** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗ୍ରାମରେ 'ମୋ ଓଡ଼ିଶା, ନବୀନ ଓଡ଼ିଶା' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ମା' ତାରିଣୀ ଚୈତାଳି ଘୋଡ଼ାନାଚ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିପରି ମିଳିପାରିବ ସେ ସମ୍ପର୍କରେ ଲୋକଙ୍କ ସଚେତନ କରାଯାଇଥିଲା। ଗାୟକ ପ୍ରଦୀପ କୁମାର ଦାଶ, ପ୍ରୀତି କୁମାରୀ ଦାଶ, କବି ଘଡ଼େଇ, ଶରତ ନାଏକ, ବେଣୁଧର ନାଏକ ଏବଂ ଅନ୍ୟ ସାଥୀ କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

